Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rkl, Mob:9439951525,
Email: utkalsamachar@gmail.com

✦Vol - 19✦ Issue No:241✦5 January 2024 (Friday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୪୧✦୫ ଜାନୁଆରୀ ୨୦୨୪ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

୨୦୨୪ ପାଇଁ ବିଜେପିର ବଡ଼ ପ୍ରସ୍ତୁତି

ବୈଜୟନ୍ତଙ୍କୁ ମିଳିଲା ବଡ଼ ଦାୟିତ୍ୱ

ଭୁବନେଶ୍ୱର, ୪/୧(ନି/ପ୍ର): ୨୦୨୪ ଲୋକସଭା ନିର୍ବାଚନକୁ ଆଉ ମାତ୍ର କିଛି ମାସ ମାତ୍ର ବାକିଥିବା ବେଳେ ଏନେଇ ବିଜେପି ତା'ର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଦେଇଛି । ଆଗାମୀ ନିର୍ବାଚନର ପ୍ରସ୍ତୁତି ସ୍ୱରୂପ ନିକଟରେ ୩ଟି ରାଜ୍ୟରେ ଦଳ ୩ ଜଣ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଥିଲା । ତେବେ ଏହା ମଧ୍ୟରେ ଦଳ କିଛି ନୂଆ ନେତାଙ୍କୁ ସଂଗଠନ ଦାୟିତ୍ୱ ଦେଇଛି । ସୂଚନା ମୁତାବକ, ଦଳ ସମସ୍ତ ମୋର୍ଚ୍ଚାରେ ପ୍ରଭାରୀଙ୍କ ନାମ ଘୋଷଣା କରିଛି । ଯୁବ ମୋର୍ଚ୍ଚ ପାଇଁ ସୁନିଲ ବଂଶଲ, ମହିଳା ମୋର୍ଚ୍ଚ ପାଇଁ ବୈଜୟନ୍ତ ଜୟ ପଣ୍ଡା, କିଷାନ ମୋର୍ଚ୍ଚା ପାଇଁ ବନ୍ଦୀ ସଞ୍ଜୟ କୁମାର, ଅନୁସୂଚିତ ଜାତି (ଏସସି) ମୋର୍ଚ୍ଚା ପାଇଁ ତରୁଣ ଛଗ, ଅନୁସୂଚିତ ଜନଜାତି (ଏସଟି) ମୋର୍ଚ୍ଚା ପାଇଁ ଡ. ରାଧା ମୋହନ ଦାସ ଅଗ୍ରୱାଲ, ଅନ୍ୟ ପଛୁଆ ବର୍ଗ (ଓବିସି) ମୋର୍ଚ୍ଚା ପାଇଁ ବିନୋଦ ତାୱଡେ ଓ ସଂଖ୍ୟାଲଘୁ ମୋର୍ଚ୍ଚା ପାଇଁ ଦୁଷ୍ୟନ୍ତ କୁମାର ଗୌତମଙ୍କୁ ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି । ଏହି ନେତାମାନେ ତ୍ୱରିତ ଭାବେ ନିଜ ନିଜର କାର୍ଯ୍ୟ ଆରମ୍ଭ କରିବେ ବୋଲି ଦଳ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି । ଗତ ମାସ ଶେଷ ସପ୍ତାହରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଦଳର ଦୁଇଦିନିଆ ଜାତୀୟ ପର୍ଯ୍ୟବେକ୍ଷକ ବୈଠକ ବସିଥିଲା । ସେହି ବୈଠରେ ଆଗାମୀ ନିର୍ବାଚନ ପାଇଁ ଦଳର ରଣନୀତି ଓ ଏଜେଣ୍ଡାକୁ ନେଇ ଆଲୋଚନା କରାଯାଇଥିଲା । 'ମିଶନ ମୋଡ଼'ରେ କାର୍ଯ୍ୟ କରିବାକୁ ଦଳର ଜାତୀୟ ପର୍ଯ୍ୟବେକ୍ଷକମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁମନ୍ତ୍ର ଦେଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

ଫେବୃଆରୀ ୧୩ରେ ଆବୁଧାବି ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ଅହଲାନ ମୋଦୀ ୨୦୨୪ କାର୍ଯ୍ୟକ୍ରମରେ ହେବେ ସାମିଲ

ନୂଆଦିଲ୍ଲୀ, ୪/୧ : ଆସନ୍ତା ଫେବୃଆରୀ ୧୩ ରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଯୁକ୍ତ ଆରବ ଏମିରେଟ୍ସ (ଟଇର) ଗସ୍ତ କରିବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଆବୁଧାବି ଗସ୍ତ କରିବେ ଏବଂ ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି କାର୍ଯ୍ୟକ୍ରମର ନାମ ଅହଲାନ୍ ମୋଦୀ ୨୦୨୪ ରଖାଯାଇଛି । ଏହା ପୂର୍ବରୁ ମଧ୍ୟ କୁହାଯାଇଥିଲା ଯେ ଆବୁଧାବିରେ ନିର୍ମିତ ଈଇଚଝ ସ୍ୱାମୀନାରାୟଣ ମନ୍ଦିରର ଉଦଘାଟନ ସମାରୋହରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ମଧ୍ୟ ନିମନ୍ତ୍ରଣ ପାଇଛନ୍ତି । ଆବୁଧାବିରେ ନିର୍ମିତ ଏହି ମନ୍ଦିର ୧୪ ଫେବୃଆରୀରେ ଉଦଘାଟନ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ଉଦଘାଟନୀ ସମାରୋହ ପାଇଁ ନିମନ୍ତ୍ରଣ ଗ୍ରହଣ କରିଛନ୍ତି ଏବଂ ସେ ନିଜେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଛନ୍ତି । ବିଏପିଏସ ମନ୍ଦିର ପକ୍ଷରୁ କୁହାଯାଇଛି ଯେ, ଏହି ଐତିହାସିକ ମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ମଧ୍ୟ ଉତ୍ସାହ ବ୍ୟକ୍ତ କରିଛନ୍ତି । ସମଗ୍ର ଭାରତରେ ତୀର୍ଥସ୍ଥାନଗୁଡିକର ଉଲ୍ଲେଖନୀୟ ନବୀକରଣ ଏବଂ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ପ୍ରଶଂସା କରାଯାଇଛି । ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିରେ ନିର୍ମିତ ଈଇଚଝ ମନ୍ଦିର ଦେଶର ପ୍ରଥମ ହିନ୍ଦୁ ମନ୍ଦିର ହେବ । ଏହି ମନ୍ଦିର ସହରର ଅଲ ଓ୍ୱାକବା ସ୍ଥାନରେ ୨୦,୦୦୦ ବର୍ଗ ମିଟର ଜମିରେ ନିର୍ମିତ । ଏହି ମନ୍ଦିରଟି ଆଧୁନିକ ଶୈଳୀରେ ଅତି ସୁନ୍ଦର ଭାବରେ ପରିକଳ୍ପିତ ହୋଇଛି ଯାହାର ଖୋଦିତ ଚିତ୍ରଗୁଡ଼ିକ ତୁଳନାତ୍ମକ ନୁହେଁ । ପ୍ରଧାନମନ୍ତ୍ରୀ ମୋଦୀ ନିଜେ ୨୦୧୮ ମସିହାରେ ଏହି ମନ୍ଦିରର ମୂଳଦୁଆ ପକାଇଥିଲେ ।

ଡ୍ରାଇଭର ମହାସଂଘର ଅନିର୍ଦ୍ଦିଷ୍ଟ କାଳ ଯାଏଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ସାମିଲ ହେବ ଓଡିଶା



ଭୁବନେଶ୍ୱର, ୪/୧ (ନି/ପ୍ର): ନୂଆ ହିଟ୍ ଆଣ୍ଡ ରନ ଆଇନକୁ ବିରୋଧ କରି ଦୁଇ ଦିନ ତଳେ ପ୍ରତ୍ୟାହୃତ ହୋଇଥିବା ଆନ୍ଦୋଳନ ଆଜିଠୁ ପୁଣି ଥରେ ସମଗ୍ର ଦେଶରେ ଆରମ୍ଭ ହୋଇଛି । ଏଥିରେ ଓଡିଶା ଡ୍ରାଇଭର ମହାସଂଘ ମଧ୍ୟ ସାମିଲ ହେବ । ସମଗ୍ର ରାଜ୍ୟର ଡ୍ରାଇଭର ଆଗାମୀ ଦୁଇ ଦିନ ମଧ୍ୟରେ ନିଜ ଗାଡିକୁ ଘରେ କିମ୍ବା ନିଜ ମାଲିକଙ୍କ ଜିମା ଦେଇ ଆନ୍ଦୋଳନରେ ସାମିଲ ହେବେ । ଏନେଇ ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଟୁଲି ସୂଚନା ଦେଇଛନ୍ତି । ସଭାପତି ପ୍ରଶାନ୍ତ ମେଣ୍ଟୁଲି କହିଛନ୍ତି, କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ ଆଇନ୍ ଅନୁଯାୟୀ, ଦୁର୍ଘଟଣା ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ୍, ୭ ଲକ୍ଷ ଟଙ୍କା ଜରିମାନା ଦେବା ନିୟମ ଆଣିବାକୁ ଯାଉଛନ୍ତି । ଏପରି ସ୍ଥିତି ଉପୁଜିଲେ କୌଣସି ବି ଡ୍ରାଇଭର ଏତେ ଟଙ୍କା ଦେବା ସମ୍ଭବ ନୁହଁ । ଏହାବାଦ ଦୁର୍ଘଟଣା ହେଲେ ଗୁରୁତରଙ୍କୁ ତୁରନ୍ତ ମେଡିକାଲ ନେବାକୁ କେନ୍ଦ୍ର ସରକାର ଡ୍ରାଇଭରମାନଙ୍କୁ ନୂଆ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏପରି ସ୍ଥିତିରେ ଆମେ ଗାଡ଼ିରୁ ଓହ୍ଲାଇଲେ ଲୋକେ ଆମକୁ ପିଟି ମାରିଦେବେ । ସେପରି ସ୍ଥଳରେ ଆମ ଜୀବନ ସୁରକ୍ଷାର ଗ୍ୟାରେଟିଂ କିଏ ଦେବ । ଏଥିସହ ଅଧିକାଂଶ ଦୁର୍ଘଟଣା ମଦ ଯୋଗୁ ଘଟୁଥିବାରୁ ସରକାର ମଦ ଦୋକାନ କାହିଁକି ବନ୍ଦ କରୁ ନାହାନ୍ତି ବୋଲି ସଙ୍ଘ ପକ୍ଷରୁ ପ୍ରଶ୍ନ କରାଯାଇଛି । ଅନ୍ୟପଟେ ସରକାର ଆଜି ପର୍ଯ୍ୟନ୍ତ ଆମ ଦାବି ଶୁଣୁ ନାହାନ୍ତି, ଭୂଆଁ ବୁଲାଉଛନ୍ତି । ରାଜ୍ୟ ସରକାରଙ୍କ ନିକଟରେ ଗତ ଥର ଆମର ୧୦ଟି ଦାବି ଥିଲା । ସେଥିରୁ ଗୋଟିଏ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଲେ । ହେଲେ ତାହାକୁ ଆଜି ପର୍ଯ୍ୟନ୍ତ ପୂରଣ କରି ପାରି ନାହାନ୍ତି । ତେଣୁ ଆଜିଠୁ ସମଗ୍ର ଦେଶରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହେବ ବୋଲି କହିଛନ୍ତି ପ୍ରଶାନ୍ତ ମେଣ୍ଟୁଲି । ସୂଚନା ଥାଉକି, କେନ୍ଦ୍ର ସରକାର ନିକଟରେ ୩ ନୂଆ ଅପରାଧିକ ଆଇନ ପ୍ରଣୟନ କରିଛନ୍ତି । ଯଦି କୌଣସି ଟ୍ରକ୍ କିମ୍ବା ଡମ୍ପର ଡ୍ରାଇଭର କାହା ଉପରେ ଗାଡ଼ି ମାଡ଼ କରନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତା'ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ମିଳିବ । ଏଥିସହ ସେମାନଙ୍କୁ ୭ ଲକ୍ଷ ଟଙ୍କା ଜରିମାନା ମଧ୍ୟ ଦେବାକୁ ପଡିବ । ତେବେ ପୂର୍ବରୁ ଯେଉଁ ଆଇନ୍ ଥିଲା ସେଥିରେ ହିଟ୍ ଆଣ୍ଡ ରନ୍ ମାମଲାରେ ଫସିଥିବା ଡ୍ରାଇଭରଙ୍କୁ ବେଶ୍ ଅଳ୍ପ ଦିନ ମଧ୍ୟରେ ଜାମିନ ମିଳି ଯାଉଥିଲା । ଆଉ ଦୁଇ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା । ତେବେ କେନ୍ଦ୍ର ସରକାରଙ୍କ ଏହି ହିଟ ଆଣ୍ଡ ରନ ନୂଆ ଆଇନ୍ ଓ ଦୀର୍ଘ ଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି ସଂଘ । ଗତକାଲି ଏନେଇ ଦିଲ୍ଲୀର ଜନ୍ତର ମନ୍ତର ଠାରେ ସବୁ ରାଜ୍ୟର ଡ୍ରାଇଭର ସଂଘଙ୍କର ମିଳିତ ବୈଠକ ହୋଇଥିଲା ।

ପରିକ୍ରମା ପ୍ରକଳ୍ପ; ୧୨ ତାରିଖରୁ ଆରମ୍ଭ ହେବ ଯଜ୍ଞ ପ୍ରକ୍ରିୟା



ଭୁବନେଶ୍ୱର, ୪/୧: (ନି/ପ୍ର) ଆସନ୍ତା ଜାନୁଆରୀ ୧୭ ତାରିଖରେ ଲୋକାର୍ପଣ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ଏଥି ପାଇଁ ଭବ୍ୟ ଆୟୋଜନ ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ । ଏହି ଧାର୍ମିକ କାର୍ଯ୍ୟ ଲାଗି ଦେଶର ପ୍ରମୁଖ ଦେବଦେବୀ ପୀଠ, ଚାରିଧାମର ପୀଠାଧୀଶ୍ୱର, ବିଶିଷ୍ଟ ଧର୍ମଗୁରୁ ଓ ଖ୍ୟାତନାମା ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରିବା ପ୍ରକ୍ରିୟା ପ୍ରାୟ ସରି ସରି ଆସିଲାଣି । ତେବେ ୧୨ ତାରିଖରୁ ଆରମ୍ଭ ହୋଇଯିବ ଯଜ୍ଞ ପ୍ରକ୍ରିୟା । ଶ୍ରୀନଅରରେ ଗଜପତିଙ୍କ ଦ୍ୱାରା ଗୁଆଟେକା ହେବ । ଗୁଆଟେକା ପରେ ଚାଲିବ ଯଜ୍ଞ ପ୍ରକ୍ରିୟା । ତିନି ଦିନ ଧରି ଚାଲିବ ଧାର୍ମିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ । ୧୭ ତାରିଖରେ ଯୋଗଦେବେ ଦେଶର ଷାଠିଏ ଟି ମନ୍ଦିରର କର୍ମକର୍ତା ।

ରାଜଗାଙ୍ଗପୁରରେ ୫ଟି ସଚିବଙ୍କୁ ସମ୍ବର୍ଦ୍ଧନା

ରାଜଗାଙ୍ଗପୁର, ୪/୧ (ନି/ପ୍ର):୫ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ଭି କେ ପାଣ୍ଡିଆନଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜଗାଙ୍ଗପୁର ବ୍ଲକ ଜାମପାଳି ପଡ଼ିଆଠାରେ ଏକ ବିରାଟ ସଭାକୁ ସମ୍ବୋଧିତ କରିବା ପାଇଁ ଆସିଥିଲେ । ଏହି କାର୍ଯ୍ୟକ୍ରମରେ ସେ ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ସାକ୍ଷାତ କରି ତାଙ୍କର ଆବେଦନ ପତ୍ର ଗ୍ରହଣ କରିଥିଲେ ଏବଂ ଜିଲ୍ଲାରେ ଆଗରୁ ଚାଲୁଥିବା କେତେକ ପ୍ରକଳ୍ପ ଓ ଆଗାମୀ ସମୟରେ ହେବାକୁଥିବା ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ଅବଗତ କରାଇଥିଲେ । ଏହିକାର୍ଯ୍ୟକ୍ରମରେ ମୋ ସହିତ ଗ୍ରମ୍ୟବିକଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରିତିରଞ୍ଜନ ଘଡ଼ାଇ, ହକି ଇଣ୍ଡିଆ ର ସଭାପତି ପଦ୍ମଶ୍ରୀ ଦିଲୀପ ଟିର୍କି, ଏବଂ ଦଳୀୟ ପ୍ରମୁଖ ନେତା ତଥା ଜନସାଧାରଣ ମାନ ଉପସ୍ଥିତ ଥିଲେ ।

ନୂଆଦିଲ୍ଲୀ ଗଣତନ୍ତ୍ର ଦିବସରେ ଏଥର ଗଡ଼ିବ ଓଡ଼ିଶା ପ୍ରଜ୍ଞାପନ ମେଢ଼

ନୂଆଦିଲ୍ଲୀ/ଭୁବନେଶ୍ୱର, ୪/୧ : ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଗଣତନ୍ତ୍ର (ସାଧାରଣତନ୍ତ୍ର) ଦିବସ ପରେଡ୍‌ରେ ଏଥର ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇବ । ଓଡ଼ିଶାର ପ୍ରଜ୍ଞାପନ ମେଢ଼ ମାଧ୍ୟମରେ କର୍ତବ୍ୟପଥରେ ଦର୍ଶକମାନେ ଓଡ଼ିଶାର କଳାକୁ ଆଖି ଆଗରେ ଦେଖିବାର ସୁଯୋଗ ପାଇପାରିବେ । ଓଡ଼ିଶାର ପ୍ରଜ୍ଞାପନ ମେଢ଼ ମଡେଲ ମନୋନୀତ ହୋଇଥିବା ସୂଚନା ମିଳିଛି । ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଗୁରୁବାର ଦିନ ଚିଠି ଜାରି ହୋଇଛି । ଚିଠିରେ ଉଲ୍ଲେଖ ହୋଇଛ ଯେ, ନୂଆଦିଲ୍ଲୀର କର୍ନବ୍ୟପଥରେ ଆୟୋଜିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ସମାରୋହରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, ଲଦାଖ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ଓଡ଼ିଶା, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା ଓ ଉତରପ୍ରଦେଶରରୁ ପ୍ରଜ୍ଞାପନ ମେଢ଼ ପାଇଁ

କଂଗ୍ରେସରେ ସାମିଲ ହେଲେ ଓ୍ୱାଇଏସ ଶର୍ମିଳା

ନୂଆଦିଲ୍ଲୀ, ୪/୧ : ଓ୍ୱାଇଏସଆର ତେଲଙ୍ଗାନା ପାର୍ଟି ଅଧ୍ୟକ୍ଷ ଓ୍ୱାଇଏସ ଶର୍ମିଳା କଂଗ୍ରେସରେ ସାମିଲ ହୋଇଛନ୍ତି । ଗୁରୁବାର କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ସେ ଦଳରେ ଯୋଗ ଦେଇଛନ୍ତି । ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ୍ୱାଇଏସ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ଶର୍ମିଳା ବୁଧବାର ରାତିରେ ଦିଲ୍ଲୀରେ ପହଚିଂ ଥିଲେ ଓ ଗୁରୁବାର ସକାଳେ ସେ ଏଆଇସିସି ମୁଖ୍ୟାଳୟରେ ପହଚିଂ ଥିଲେ । ତେବେ ନିକଟରେ ସମାପ୍ତ ହୋଇଥିବା ତେଲେଙ୍ଗାନା ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ସହିତ କଂଗ୍ରେସ ସରକାର ଗଠନ କରିଥିଲା । ତେଣୁ ଆନ୍ଧ୍ରପ୍ରଦେଶରେ ମଧ୍ୟ କଂଗ୍ରେସ ଅନୁରୂପ ଫର୍ମୁଲା ଲାଗୁ କରିପାରେ । ଦଳ ଶର୍ମିଳାଙ୍କୁ ନେଇ ଏକ ବଡ଼ ଗେମ୍ ଖେଳିପାରେ । ତେବେ କଂଗ୍ରେସ ପାଇଁ ଏହି ଯାତ୍ରା ଏତେ ସହଜସାଧ୍ୟ ହୋଇନପାରେ ବୋଲି ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି । ଯଦି ସମ୍ଭବ ହୁଏ, ତେବେ ଆଗକୁ ଓ୍ୱାଇଏସଆର କଂଗ୍ରେସ ପାର୍ଟି ଓ କଂଗେସ ମଧ୍ୟରେ ବଡ଼ ଲଢ଼େଇ ଦେଖିବାକୁ ମିଳିପାରେ । ଫଳରେ ରାଜନୀତିର ମୈଦାନରେ ଭାଇ-ଭଉଣୀଙ୍କ ମଧ୍ୟରେ ଟକ୍କର ଦେଖିବାକୁ ମିଳିପାରେ । ସୂଚନାଯୋଗ୍ୟ ଯେ, ଜାନୁଆରୀ ୪ରେ ଶର୍ମିଳା କଂଗ୍ରେସରେ ସାମିଲ ହେବେ ବୋଲି ଦୁଇଦିନ ତଳେ ଖବର ପ୍ରକାଶ ପାଇଥିଲା । ଚଳିତ ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ତାହାକୁ ଦୃଷ୍ଟିରେ ରଖି ଶର୍ମିଳା ଏହି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି । ଏଭଳି ସ୍ଥିତିରେ ଆନ୍ଧ୍ରପ୍ରଦେଶରେ ଜଗନଙ୍କ ଓ୍ୱାଇଏସଆର କଂଗ୍ରେସ ପାର୍ଟିରକୁ ଏକ ବଡ଼ ଝଟକା ଲାଗିପାରେ । ତେବେ ଆନ୍ଧ୍ରପ୍ରଦେଶରେ କଂଗ୍ରେସ ଶର୍ମିଳାଙ୍କୁ ଏକ ବଡ଼ ଦାୟିତ୍ୱ ଦେଇପାରେ ବୋଲି ଦଳୀୟ ମହଲରୁ ଜଣାପଡ଼ିଛି । ଶର୍ମିଳାଙ୍କୁ ଏକ ବଡ଼ ଦାୟିତ୍ୱ ଦେଇ ଆନ୍ଧ୍ରପ୍ରଦେଶରେ ଦଳକୁ

ଓଡ଼ିଶାରେ JN.1 ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର, ୪/୧ (ନି/ପ୍ର): ଓଡ଼ିଶାରେ କୋରନାର ନୂଆ ଭାରିଆଂଟ ଚିହ୍ନଟ ହୋଇଛି । ୨ଜଣ କରୋନାର ନୂଆ ଭାରିଆଂଟ JN.1 ରେ ଆକ୍ରାନ୍ତ ଚିହ୍ନଟ ହୋଇଛି । ୨ଜଣ ଅକ୍ରାନ୍ତଙ୍କ ମଧ୍ୟରୁ ଜଣେ ସୁନ୍ଦରଗଡ଼ ଜିଲ୍ଲାର ସୁସ୍ଥ ଅଛନ୍ତି । ଅନ୍ୟ ଜଣେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନରେ ଅଛନ୍ତି । ୨୪ ଘଟାଂରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛି । ମୋଟ ସକ୍ରିୟ ଆକ୍ରାନ୍ତ ୨୫କୁ ବୃଦ୍ଧି ପାଇଛି । ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର । ଗତକାଲି ରାଜ୍ୟରୁ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ପୁଣି ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗତକାଲି ରାଜ୍ୟରୁ ୫ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ଏବେ ୨୭ରେ ପହଚିଂଥିଲା । ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତା ଜାରି କରାଯିବା ସହ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ରାଜ୍ୟର ସମସ୍ତ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲକୁ ଚିଠି ଲେଖି କରୋନା ନିୟମାବଳୀ ମାନିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପକ୍ଷରୁ କୁହାଯାଇଥିଲା । ଯେଉଁମାନଙ୍କ ଠାରେ ଥଣ୍ଡା, ଜ୍ୱର, କାଶ ଲାଗି ରହୁଛି ସେମାନେ ଅଲଗା ରହିବା ସହିତ ସେମାନଙ୍କୁ ପରୀକ୍ଷା କରାଇବାକୁ କୁହାଯାଇଛି । ଏଥିସହିତ ବହୁବିଧ ରୋଗୀମାନେ ଭିଡ଼କୁ ନ ଯିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି ।

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Adress:Qrs No:B/204,
Sec-16,Rourkela
Mob:9692048008
email-utkalsamachar@gmail.com

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone/Fax: (06767) 255316
Email: utkalsamachar@gmail.com, Mob: 9437086122

ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନାର ଶୁଭାରମ୍ଭ

ନବରଙ୍ଗପୁର(୦୪/୦୧ ନି.ପ୍ର) : ଗ୍ରାମ ଓ ଅଙ୍ଗନ୍ ୱାଡି କେନ୍ଦ୍ର କେଶରୀଗୁଡା ଗ୍ରାମ ପଞ୍ଚାଯତ ବାଘଷିରଣୀ ବ୍ଲକ ନବରଙ୍ଗପୁର ଠାରେ ମାତୃ ଓ କିଶୋରୀ ବାଳିକା ପୋଷଣ କୁ ମଜବୁତ କରିବା ପାଇଁ ଜିଲା ସମାଜ କଲ୍ୟାଣ ,ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗ ରେ ନବରଙ୍ଗପୁର ଜିଲା ର ଜିଲ୍ଲାପାଳ ଶ୍ରୀଯୁକ୍ତ କମଳ ଲୋଚନ ମିଶ୍ର ଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା ର ଶୁଭାରମ୍ଭ କରଯାଇଥିଲା । ଏହି ପ୍ରାରମ୍ଭିକ ଶୁଭାରମ୍ଭ କାର୍ଯକ୍ରମ ରେଗର୍ଭବତୀ, ପ୍ରସୁତି, କିଶୋରୀ ବାଳିକା ,ସ୍ୱୟଂ ସହାୟିକା ଦଳ ର ସଭ୍ୟା, ସଭାପତି, ସମ୍ପାଦିକା ,ସରପଞ୍ଚବାଳକ ବାଳିକା ତଥା ସେହି ଗ୍ରାମ୍ ର ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ସମ୍ମାନୀୟ ଜିଲ୍ଲାପାଳ ନିଜ ବକ୍ତବ୍ୟ ରେ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ଅତି ସରଳ ଭାବରେ ସମସ୍ତଙ୍କୁ ବିସ୍ତୃତ ଭାବରେ ଉଦାହରଣ ଦ୍ୱାରା ବୁଝାଇଥିଲେ । ତେଣୁ ଯେଉଁ ରାସୀ ଲଡୁ ମୁଡି, ଭଜା ବଣା ଖଜୁର ମା ମାନଙ୍କୁ ଓ ରଜା ଚଣା , ବାଦାମ ମିଶ୍ରିତ ମୁଡି କିଶୋରୀ ମାନଙ୍କୁ ଦିଆଯାଉଅଛି ସେହି ଖାଦ୍ୟ କୁ ନିଜ ପରିବାର ସହିତ ବଣ୍ଟନ ନକରି ନିଜେ ଖାଇବାକୁ ପରାମର୍ଶ ଦେଇଥିଲେ ।ଏହି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯକ୍ରମ ର ଉଦ୍ଦେଶ୍ୟ ବିଷୟରେ ଶ୍ରୀମତୀ ଶିବାନୀ ଗୁହା ,ଜିଲା ସମାଜ କଲ୍ୟାଣ ଅଧିକାରୀ, ଉପସ୍ଥିତ ଥିବା ଗର୍ଭବତୀ ଓ ପ୍ରସୂତି ମା ଏବଂ ଗ୍ରାମବାସୀ ଙ୍କୁ ଏହି ଯୋଜନା ଅଧୀନରେ ହିତାଧିକାରୀ ପାଉ ଥିବା ଛତୁଆ, ରାଶି ଲଡୁ ,ଭଯା ବାଦାମ, ବଣା ମିଶ୍ରିତ ମୁଡି, ଓ ଖଜରା ଖାଇଲେ ଶରୀର ପାଇଁ କି ଉପକାରିତା ମିଳିବ ସେ ବିଷୟରେ ବୁଝାଇଥିଲେ । କେଶରୀଗୁଡା ରେ ହିତାଧାକାରୀ ଙ୍କୁ ଖାଦ୍ୟ ବଣ୍ଟନ ପରେ ପାପଡାହାଣ୍ଡି ବ୍ଲକ ର ଜଟାବାର (କ) ଅଙ୍ଗନବାଡି କେନ୍ଦ୍ର କୁ ଯାଇ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ମୋତିକ୍ରମ ନାୟକ ଓ ସରପଞ୍ଚ ଶ୍ରୀମତୀ ମାଳତୀ ଉତର ଙ୍କ ଉପସ୍ଥିତିରେ ଏହି କାର୍ଯକ୍ରମ ର ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ହିତାଧୂରୀ ଙ୍କୁ ସୁନ୍ଦର ଭାବରେ ବୁଝାଇଥିଲେ ।ଜିଲା ର ଜିଲା ପରିଷଦ ସଭାପତି ନିଜ ବକ୍ତବ୍ୟ ରେ ଜିଲା ରେ କମ ଓଜନ ଶିଶୁ କ ସଂଖ୍ୟା କୁ କିପରି ଜମେଇପାରିବା, କିଶୋରୀ ବାଳିକା ଙ୍କ ସ୍ୱାସ୍ଥ୍ୟ ର ଯତ୍ନ ନେବା, ଦିଆଯାଉଥିବା ପ୍ରତି ଖାଦ୍ୟ କୁ ସଠିକ ସମୟରେ ଖାଇବା ପ୍ରତି ଯତ୍ନ ବାନ ହେବା ସମ୍ବନ୍ଧ ରେ ବୁଝାଇଥିଲେ । ଏହି କାର୍ଯକ୍ରମ ରେ ଶିଶୁ ବିକାଶ ପ୍ରକଳ୍ପ ର ଅଧିକାରି ସଜିତା ମହାନ୍ତି ନବରଙ୍ଗପୁର , ଏସ ଗୀତା ପାପଡାହାଣ୍ଡି, ସୁକାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମ ଅଧିକାରୀ, ଜିଲା ସଞ୍ଚଯୋଗ ମମତା ବିଶ୍ୱଜିତ ମହାନ୍ତି, ପୋଷଣ ସଞ୍ଚଯୋଗ ହେମରାଜ ଦଣ୍ଡସେନା ଓ କାର୍ଯରତ ସୁପରଭାଇଜର ରେଖା ତ୍ରିପାଠୀ, ବୈଶାଖୀ ସାମଲ, ଆରଡି ନନ୍ଦିନୀ ନନ୍ଦ,ରାଶିରେଖା ପଣିଗ୍ରାହୀ , ଶ୍ରୀଲତା, ରୋମା ପଟ୍ଟନାୟକ, ଭକ୍ତିପୁଖା ସାହୁ ଓ ଶ୍ରୀନିବାସ ପଟ୍ଟନାୟକ ଙ୍କ ଉପସ୍ଥିତି ରେ ଏସଏଚଜି ମା ମାନଙ୍କ ଦ୍ୱାରା ତିଆରି ହୋଇଥିବା ଖାଦ୍ୟ କୁ ହିତାଧୂକାରୀ ଙ୍କୁ ବଣ୍ଟନ କରଯାଇଥିଲା ।

ଭୁବନେଶ୍ୱର ମହାନିଗମ ସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

୧୦୬ଟି ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ

ଭୁବନେଶ୍ୱର (୦୪/୦୧ ନି.ପ୍ର) : ଭୁବନେଶ୍ୱର ମହାନିଗମ ସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୫୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ୫୬ଟି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ମୋଟ ୧୦୬ଟି ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଛି । ଏହି ଅବସରରେ କ୍ୟାପିଟାଲ ହାଇସ୍କୁଲରେ ଅନୁଷ୍ଠିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ ଯେ ବହୁଦିନର ଦାବିକୁ ବିଚାରକୁ ନେଇ ସରକାର ବିଦ୍ୟାଳୟ ଗୁଡିକୁ ପଟ୍ଟା ପ୍ରଦାନ କରିଛନ୍ତି । ଏହାଦ୍ୱାରା ବିଦ୍ୟାଳୟ ଜମିକୁ ନେଇ ଥିବା ବିବାଦ ସମାଧାନ ହୋଇପାରିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ପଣ୍ଡା କହିଥିଲେ । ସେହିଭଳି ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ତଥା ଖୋର୍ଦ୍ଧା ଜିଲ୍ଲା ଆମ ଓଡିଶା ନବୀନ ଓଡିଶା ଉପଦେଷ୍ଟା ଶ୍ରୀମତୀ ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏହି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟ ଗୁଡିକର ନିଜସ୍ୱ ପଟ୍ଟା ଦ୍ୱାରା ଆବଶ୍ୟକୀୟ ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହାସଲ ହୋଇପାରିବ । ତ୍ୱରିତ ସେବା ପ୍ରଦାନରେ ବିଭିନ୍ନ ସଂସ୍ଥା ଗୁଡିକୁ କୌଣସି ସମସ୍ୟା ହେବ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସେମାନଙ୍କ ବିଦ୍ୟାଳୟ ପଟ୍ଟା ଗ୍ରହଣ କରିବା ସହ ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତି, ଉପ ଜିଲ୍ଲାପାଳ ଶ୍ରୀ ଚିନ୍ମୟ ଆଚାର୍ଯ୍ୟ, ଭୁବନେଶ୍ୱର ତହସିଲଦାର ଶ୍ରୀ ମାନସ କୁମାର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱନାଥ ତରାଇ ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ

ରାଜ୍ୟ ଗ୍ରନ୍ଥାଗାରରେ ହରେକୃଷ୍ଣ ମହତାବଙ୍କ ୩୭ତମ ତିରୋଧାନ ଦିବସ ପାଳିତ



ଭୁବନେଶ୍ୱର : ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ହରେକୃଷ୍ଣ ମହତାବଙ୍କ ୩୭ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମଧୁସୂଦନ ଦାଶ, ଯୁଗ୍ମ ସଚିବ ଶ୍ରୀମତୀ ଅତସୀ ଦାସ, ଅନୁଶାସନ ସଚିବ ସୁଶ୍ରୀ ଶୁଭସ୍ମିତା ପ୍ରଧାନ ଓ ଗ୍ରନ୍ଥାଗାରର କର୍ମଚାରୀ ମାନେ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅପରାହ୍ନରେ ଶିବାନନ୍ଦ ସେଣ୍ଟିନାରୀ ବାଳକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର ଓ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ବକ୍ତୃତା ପ୍ରତିଯୋଗୀତାରେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ ଏବଂ ଶ୍ରୀ ଅସିତ୍ ମହାନ୍ତି ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଶେଷରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ବକ୍ତୃତା ପ୍ରତିଯୋଗୀତା ଗ୍ରନ୍ଥାଧକ୍ଷାଙ୍କ ଶ୍ରୀମତୀ ସଂଘମିତ୍ରା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରନ୍ଥାଧକ୍ଷ ଶ୍ରୀ ପଦ୍ମନାଭ ଜେନା,ଶ୍ରୀ ବିଦ୍ୟାଧର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଶତାକ୍ଷୀର ନୂତନ କର୍ମକର୍ତ୍ତାଙ୍କ ଶପଥ

ଯାଁଳା, (୦୪/୦୧ ନି.ପ୍ର) : ମଙ୍ଗଳ ବାର ରାଜଧାନୀ ଉପକଣ୍ଠ କଳିଙ୍ଗ ନଗର-୪ ସ୍ଥିତ ଶତାକ୍ଷୀ ମହିଳା ସଂଗଠନର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ୨୦୧୨ ମସିହାରୁ ପ୍ରତିଷ୍ଠିତ ହୋଇଥିବା ଏହି ସଂଗଠନର ନିର୍ବାଚନ ପ୍ରତି ୩ବର୍ଷରେ ଥରେ ହୋଇଥାଏ । ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୂର୍ବତନ ସଭାନେତ୍ରୀ ଉର୍ମିଳା ରାଉତ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ବର୍ଷ ନିର୍ବାଚନରେ ଏହି ସଂଗଠନର ସଭାନେତ୍ରୀ ରୂପା ସ୍ନିଗ୍ଧା ମିଶ୍ର,ସମ୍ପାଦିକା ମମତା ବିଶ୍ୱାଳ,ଉପ-ସଭାନେତ୍ରୀ ବିଜୟ ଲକ୍ଷ୍ମୀ ନାୟକ,କୋଷାଧକ୍ଷ ସୁରେଖା କେରକେଟ,ସହ ସମ୍ପାଦିକା ରଶ୍ମୀତା ଶତପଥିଙ୍କ ସହିତ ଅନ୍ୟ ୩ଜଣ କାର୍ଯ୍ୟକାରିଣୀ ପରିଷଦର ସଦସ୍ୟା ହେଲେ କଳ୍ପଲତା ନାୟକ,ଗାୟତ୍ରୀ ମହାନ୍ତି ଏବଂ ପ୍ରଣତି ମିଶ୍ର । ସମସ୍ତ ସଦସ୍ୟା ଜଗନ୍ନାଥଙ୍କୁ ସାକ୍ଷୀ ରଖି ସଂଗଠନର ସର୍ବାଙ୍ଗୀନ ଉନ୍ନତିରେ ସହଯୋଗ କରିବେ ବୋଲି ଶପଥ ନେଇଥିଲେ । ଏହି ଉତ୍ସବରେ ନବବର୍ଷ ଉପଲକ୍ଷେ କେକ୍ କଟାଯାଇ ନାଚ,ଗୀତ ଓ ବିଭିନ୍ନ ଖେଳର ଆୟୋଜନ ହୋଇଥିଲା । ଏହି ଶପଥପାଠ ଉତ୍ସବଟି ବହୁ ସଦସ୍ୟାଙ୍କ ସମାଗମ ହୋଇ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଯାଇଛି ।

ଧର୍ମ ପରାୟଣ ବ୍ୟକ୍ତି ଶ୍ରୀ ରାଜ କିଶୋର ପଟନାୟକଙ୍କ ଦେହାନ୍ତ

ନବରଙ୍ଗପୁର,,(୦୪/୦୧ ନି.ପ୍ର) ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୋଡ଼ିଂଗା ଗ୍ରାମର ଅବସର ପ୍ରାପ୍ତ ରାଜସ୍ୱ ବିଭାଗର ରାଜକିଶ୍ୱର ପଟନାୟକ ଙ୍କ ଗତକାଲି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇ ଯାଇଛି । ସୂଚନା ଅନୁଯାୟୀ ସ୍ୱର୍ଗୀୟ ରାଜ କିଶୋର ପଟନାୟକ ରାଜସ୍ୱ ବିଭାଗରେ କାର୍ଯ୍ୟରତ ଥିବାବେଳେ ଜଣେ ନିଷ୍ଠାପର ନିଃସ୍ୱାର୍ଥ ପର ଓ ସମାଜ ସେବିଥିଲେ ଏବଂ ସେଜଣେ ଶାନ୍ତ ଓ ପର ଉପକାରୀ ବ୍ୟକ୍ତି ଥିଲେ ।ସମସ୍ତଙ୍କୁ ସବୁ ସମୟରେ ସାହାଯ୍ୟ କରି ଆସୁଥିଲେ । ସୂଚନା ଅନୁଯାୟୀ ୩୧ ୧୨, ୨୦୨୩ ତାରିଖ ସନ୍ଧ୍ୟା ସମୟରେ ନିଜ ବାସ ଭବନ କୋଡ଼ିଂଗା ଠାରେ ନିଜେ ଟଳି ପଡ଼ିଥିଲେ । ତାଙ୍କୁ ପ୍ରଥମେ କୋଡ଼ିଂଗା ଠାରେ ପ୍ରାଥମିକ ଚିକିତ୍ସା କରି ପରେ ନବରଙ୍ଗପୁର ମୁଖ୍ୟ ଡାକ୍ତର ଖାନାକୁ ଅଣାଯାଇଥିଲା । ମୁଖ୍ୟ ଡାକ୍ତର ଖାନା ନବରଙ୍ଗପୁର ଠାରେ ୦୧ ୦୧ ୨୦୨୪ ତାରିଖ ଦିନ ସକାଳ ୮ ଘଂଟା ୩୦ ମିନିଟରେ ଶ୍ରୀ ପଟନାୟକ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏହି ସମୟରେ ଶ୍ରୀ ପଟ୍ଟନାୟକ ଙ୍କ ୪ ପୁଅ ଦୁଇ ଝିଅ ଦୁଇ ଜ୍ୱାଇଁ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ଶ୍ରୀ ପଟ୍ଟନାୟକ ଙ୍କ ମୃତୁ ପରେ ତାଙ୍କ ମର ଶରୀରକୁ ନିଜ ଗ୍ରାମ କୋଡ଼ିଂଗା ନିଆଯାଇଥିଲା ସେଠାରେ ଏକ ଶୋକର ଛାୟା ଖେଳି ଯାଇଥିଲା । ଶ୍ରୀ ପଟନାୟକ ସର୍ବଦା ଭାଗବତକୁ ପଠନ କରବା ସହ ପ୍ରଭୁ ଜଗନାଥ ଙ୍କୁ ପୂଜା କରୁଥିଲେ ।ସେ କୋଡ଼ିଂଗା ଜଗନ୍ନାଥ ମନ୍ଦିରକୁ ପରିଚାଳନା କରିବା ସହ ରଥ ଯାତ୍ରାରେ ରଥରେ ଛେରାପହଁରା ଦେଇଉଥିଲେ । ତାଙ୍କ ଶେଷ ଦର୍ଶନ ପାଇଁ ନିଜ ବାସ ଭବନରେ ଓ ସଂସାନରେ ନବରଙ୍ଗପୁର ଲୋକ ସଭା ସାଂସଦ ଶ୍ରୀ ରମେଶ ଚନ୍ଦ୍ର ମାଝି ସମେତ କୋଡ଼ିଂଗା ଅଞ୍ଚଳର ବହୁ ଲୋକଙ୍କର ଭିଡ଼ ହୋଇଥିଲା ।

ହଳଦୀପାଳି ଠାରେ ବୀରତା ଦିବସ ପାଳିତ

ବରଗଡ,(୦୪/୦୧ ନି.ପ୍ର) : ଗତକାଲି ହଳଦୀପାଲି ସ୍ଥିତ ବୀର ଛକ ଠାରେ ଜିଲ୍ଲା ପ୍ରଶାସନ ଓ ଶହୀଦ ସ୍ମୃତି କମିଟି ଦ୍ୱାରା ବୀର ମାଟି ଘେଁସର ବୀରପୁତ୍ର ଶହୀଦ ମାଧୋ ସିଂ ଙ୍କର ବଳିଦାନର ଦିବସ ତଥା ବୀରତା ଦିବସ ୨୦୨୩ ପାଳିତ ହୋଇଯାଇଛି ।ଏ ଅବସରରେ ବୀର ମାଟି ଘେଁସରୁ ଶୁଭ ମଶାଲ ଶୋଭାଯାତ୍ରାରେ ସ୍ଥାନୀୟ ହଳଦୀପାଲିର ବୀର ଛକକୁ ଅଣାଯାଇଥିଲା ଏବଂ ଏକ ଗଣଦୌଡ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ବାହାରି ଲେଙ୍ଗୁ ମିଶ୍ର ଛକ ଓ ଗାନ୍ଧୀ ଛକ ଦେଇ ହଳଦୀପାଲି ସ୍ଥିତ ବୀରଛକ ପର୍ଯ୍ୟନ୍ତ ଯାଇଥିଲା । ଶ୍ରୀ ପାଣ୍ଡବ କର୍ଣ୍ଣ ଶହୀଦ ମାଧୋ ସିଂ ଙ୍କ ବେଶରେ ସଜ୍ଜିତ ହୋଇ ଘେଁସରୁ ମଶାଲ ଆଣିଥିଲେ । ଉତ୍ସବରେ ବରଗଡ ବିଧାୟକ ଶ୍ରୀ ଦେବେଶ ଆଚାର୍ଯ୍ୟ,ଜିଲ୍ଲା ପାଳ ଶ୍ରୀମତୀ ମୋନିଷକ୍ଷ ବାନାର୍ଜୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପି. ଏସ. ମିନା, ଶ୍ରୀ ପ୍ରମୋଦ ଝାଙ୍କର ସଭାପତି ଶହୀଦ ସ୍ମୃତି କମିଟି , ଶ୍ରୀ ଭୀଷ୍ମ ଦେବ ସରାଫ ସଭାପତି ବାର ଆସୋସିଏସନ, ଶ୍ରୀ ରବିନାରାୟଣ ପଣ୍ଡା ଉପ ସଭାପତି ଶହୀଦ ସ୍ମୃତି କମିଟି ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ । ସମସ୍ତ ଅତିଥି ବୃନ୍ଦ ପ୍ରଥମେ ଶହୀଦ ସ୍ମୃତି ସ୍ତମ୍ଭ ରେ ଏବଂ ସଂଗ୍ରାମୀ ମାଧୋ ସିଂ ଙ୍କ ଫଟୋ ରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବରଗଡ଼ ଜିଲ୍ଲା ଘେଁସ ର ଜମିଦାର ମାଧୋ ସିଂ ଓ ତାଙ୍କର ଚାରି ପୁତ୍ର ହଟେ ସିଂ, ଐରି, ସିଂ, ବୈରୀ ସିଂ ଓ କୁଞ୍ଜଲ ସିଂଙ୍କ ସ୍ମୃତି ଚାରଣ କରି ମୁଖ୍ୟ ବକ୍ତା ଡ଼.ଜଗଦୀଶ ମିଶ୍ର ମାତୃଭୂମି ପାଇଁ ସଦା ସମର୍ପିତ ରହି ଦେଶର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମରେ ବୀର ମାଟି ଘେଁସ ତଥା ସମଗ୍ର ବରଗଡ଼ ଜିଲ୍ଲାର ଅବଦାନ ଓ ଗୋଟିଏ ପରିବାରର ସମସ୍ତେ ଶହୀଦ ହୋଇ ଥିବା ଏକ ବିରଳ ଦୃଷ୍ଟାନ୍ତ ଓ ଏହା କେବଳ ବରଗଡ ନୁହେଁ ସମଗ୍ର ଓଡିଶା ବାସୀଙ୍କ ପାଇଁ ଗୌରବର ବିଷୟ । ସେହି ବୀର ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନରେ ଏକ ଭଲ ମଣିଷ ହେବା ପାଇଁ ଜିଲ୍ଲାପାଳ, ଶ୍ରୀମତୀ ବାନାର୍ଜୀ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ଆଚାର୍ଯ୍ୟ ମାଧୋ ସିଂ ଙ୍କର ଏହି ବୀରତ୍ୱର ଗାଥା କିପରି ପାଠ୍ୟ ପୁସ୍ତକ ରେ ସ୍ଥାନ ପାଇବ ସେ ପାଇଁ ଚେଷ୍ଟା କରିବା ପାଇଁ ସମସ୍ତ ସଂଗଠନ ର ସହଯୋଗ କାମନା କରିଥିଲେ । ଏ ଉପଲକ୍ଷେ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶହୀଦ ସ୍ମୃତି କମିଟିର ଉପ ସଭାପତି ରବିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ସଂଗଠନର କାର୍ଯ୍ୟ କର୍ତ୍ତା କର୍ମଚାରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବି ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଶହୀଦ ସ୍ମୃତି କମିଟି ପକ୍ଷରୁ ଏ ଅବସରରେ ଏକ ରକ୍ତଦାନ ଶିବିର ର ଆୟୋଜନ କରାଯାଇ ଥିଲା ।

ସ୍ମୃତି ସେଇ ପିଲାଦିନର, ବାଉତରା ହାଇସ୍କୁଲ ୧୯୯୧ ବ୍ୟାଚର ବନ୍ଧୁମିଳନ

ଦଶରଥପୁର, (୦୪/୦୧ ନି.ପ୍ର) : ଦଶରଥପୁର ବ୍ଲକ ଅନ୍ତର୍ଗତ ବାଉତରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୯୧ ବ୍ୟାଚ ଛାତ୍ର ଛାତ୍ରୀ ମାନଙ୍କ ବନ୍ଧୁ ମିଳନ ଓ ସ୍ୱାଗତମ ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଆଜି ଏକତ୍ରିତ ହୋଇ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ । ଏହି ସମୟର ଦୃଶ୍ୟ ବେଶ ଆନନ୍ଦ ଦାୟକ ଥିଲା ।ଦୀର୍ଘ ବର୍ଷ ବ୍ୟବଧାନ ପରେ ଆଜି ପୁଣି ସମସ୍ତ ସହପାଠୀ ଏକ ହୋଇପାରିଛନ୍ତି ।ଭାତ ଛାଡି ହୁଏ ସାଙ୍ଗ ନୁହେଁ ଏହି କଥାର ବାସ୍ତବତାକୁ ଅଙ୍ଗେ ନିଭାଇଛନ୍ତି ଆଜିର ସହ ପାଠୀ ମାନେ । ଆଜିର ଏହି କାର୍ଯ୍ୟକ୍ରମରେ ବାଉତରା ଉଚ୍ଚ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ପିତାମ୍ବର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ. ଏହି ସଭାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ ସଭାପତିତ୍ୱ

ସାର, ସତ୍ୟାନନ୍ଦ ସାର, ବୃନ୍ଦାବନ ସାର, ମହେନ୍ଦ୍ର ସାର, ଶଶିକାନ୍ତ ସାର, ବଂଶୀଧର ସାର ଅତିଥି ଭାବରେ ଯୋଗ ଦେଇଥିଲେ. ପିଲାମାନେ ଭାବ ବିନିମୟ ପରେ ୨୦୨୪ କୁ ସ୍ୱାଗତ କରିବା ପାଇଁ ଡିଜେ ଗୀତର ତାଳେ ତାଳେ ନାଚରେ ମଜି ଥିଲେ ।ଏହି କାର୍ଯ୍ୟକ୍ରମ ରେ ବ୍ରହ୍ମାନନ୍ଦ ବିଶ୍ୱାଳ, ମୃତ୍ୟୁଞ୍ଜୟ ନାୟକ, ଲକ୍ଷ୍ମୀପ୍ରିୟା ଦାଶ, ଦୀପାଞ୍ଜଳି ନାୟକଙ୍କ ସହିତ ୧୯୯୧ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ. ପରିଶେଷରେ ସମସ୍ତେ ଏକତ୍ର ଭୋଜନ ସାରି ପୁନଶ୍ଚ ବିଦାୟ ନେଇଥିଲେ ।

ରାଇଟ୍ସ ଇସ୍ୟୁକୁ ଶ୍ରେଷ୍ଠ ଫିନ୍‌ଭେଷ୍ଟ ଲିଃ ବୋର୍ଡର ଅନୁମୋଦନ

ଭୁବନେଶ୍ୱର (୦୪/୦୧ ନି.ପ୍ର) : ଫାଇନାନ୍ସିଆଲ ସଲ୍ୟୁଶନ୍ସ କ୍ଷେତ୍ରରେ ଏକ ଲିଡର ଶ୍ରେଷ୍ଠ ଫିନ୍‌ଭେଷ୍ଟ ଲିମିଟେଡ୍ ପକ୍ଷରୁ ଘୋଷଣା କରାଯାଇଛି ଯେ, କମ୍ପାନୀର ବୋର୍ଡ ୨ ଟଙ୍କାର ଅଙ୍କିତ ମୂଲ୍ୟଯୁକ୍ତ ଇକ୍ୱିଟି ସେୟାରକୁ ଜାରି ଓ ଆବଂଟିତ କରିବା ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବାକୁ ମଞ୍ଜୁରୀ ପ୍ରଦାନ କରିଛି, ଯାହାର ମୋଟ ପରିମାଣ ରାଇଟ୍ ଇସ୍ୟୁ ଆଧାରରେ ୪୯ କୋଟି ଟଙ୍କା ମଧ୍ୟରେ ରହିଛି । କମ୍ପାନୀ ୨ ଟଙ୍କା ଲେଖାଏଁ ଅଙ୍କିତ ମୂଲ୍ୟର ୫୮,୫୦,୦୦,୦୦୦ ଇକ୍ୱିଟି ସେୟାରରେ ବିଭାଜିତ ୧,୧୭,୦୦,୦୦,୦୦୦ ଟଙ୍କା ମୂଲ୍ୟର ଅଧିକୃତ ସେୟାର କ୍ୟାପିଟାଲକୁ ୨ ଟଙ୍କା ଲେଖାଏଁ ଅଙ୍କିତ ମୂଲ୍ୟର ୮୩,୫୦,୦୦,୦୦୦ଟି ଇକ୍ୱିଟି ସେୟାରରେ ବିଭାଜିତ ୧୬୭,୦୦,୦୦,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛି । ଶ୍ରେଷ୍ଠ ଫିନଭେଷ୍ଟ ଲିମିଟେଡ ହେଉଛି ଫାଇନାନ୍ସିଆଲ ସଲ୍ୟୁଶନ୍ସ କ୍ଷେତ୍ରରେ ଏକ ଲିଡର ଯାହା ଉଭୟ ବ୍ୟକ୍ତିବିଶେଷ ଓ ବ୍ୟବସାୟଗୁଡିକ ପାଇଁ ବ୍ୟାପକ ବିତୀୟ ସମାଧାନ ପ୍ରଦାନ କରୁଛି । ପାରମ୍ପରିକ ନିବେଶ ପରିବେଶ ଉପରେ ମୁଖ୍ୟରୂପେ ନିର୍ଭର କରୁଥିବା ଏକ ଭାରତୀୟ ଆର୍ଥିକ ପରିଦୃଶ୍ୟରେ ଶ୍ରେଷ୍ଠ ଫିନ୍‌ଭେଷ୍ଟ ଏହି କ୍ଷେତ୍ରରେ ରହିଥିବା ଅନ୍ତରକୁ ଦୂର କରୁଛି । କମ୍ପାନୀ ଢାଂଚାଗତ ବିତୀୟ ସମାଧାନର ଅନୁପସ୍ଥିତି, ସୀମିତ ଦକ୍ଷତା ଓ ନିୟାମକୀୟ ପ୍ରତିବନ୍ଧକଗୁଡିକୁ ବିଶ୍ଳେଷଣ କରି ଉଦ୍ଭାବନ କରିବା ଓ କଷ୍ଟମାଇଜଡ୍ ସମାଧାନ ପ୍ରଦାନ କରିବା ପାଇଁ ଏକ ସୁଯୋଗ ସନ୍ଧାନ କରିଥାଏ । ଋଣ ବ୍ୟବସାୟ କ୍ଷେତ୍ର ଉପରେ ଗୁରୁତ୍ୱ ଦେଇ ଶ୍ରେଷ୍ଠ ଫିନ୍‌ଭେଷ୍ଟ ଉଭୟ ଭାରତୀୟ ବ୍ୟବସାୟ ଓ ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଓ ବିସ୍ତୃତ ସମାଧାନ ପ୍ରଦାନ କରିବା

ସମାଜସେବା କ୍ଷେତ୍ରରେ ଉଦାହରଣ ସାଜିଛନ୍ତି ସମାଜସେବୀ ଅଶୋକ ବେହେରା

ବରୀ, (୦୪/୦୧ ନି.ପ୍ର) : ଆଉ ମାତ୍ର କିଛି ଘଣ୍ଟାର ଅପେକ୍ଷା ।ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରାଯିବ । ଏଥିପାଇଁ ସାର ଦେଶ ଉତ୍ସବ ମୁଖର ।କିଏ ଭୋଜି ଭାତରେ ମଜଗୁଲ ତ ଆଉ କିଏ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ଯାଇ ବେଶ୍ ଆନନ୍ଦ ମାନାଉଛନ୍ତି ।ହେଲେ ଏହା ଭିତରେ ଗରିବ,ଅସହାୟଙ୍କ ମୁହଁରେ ହସ ଫୁଟାଇବା ପାଇଁ ନିଆରା ପ୍ରୟାସ କରି ଏବେ ଚର୍ଚ୍ଚାରେ ସମାଜସେବୀ ଅଶୋକ ବେହେରା ।

ଉତ୍କଳ ସମାଚାର
THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16,
ROURKELA , PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com

ମାୟାନଗରୀର ପ୍ରେମ କାହାଣୀ

ହମାରି ଅଧୁରି କହାନୀ...

[illegible]

ଭାଲେଣ୍ଟାଇନ୍‌ରେ 'ଆକାଶବାଣୀ'

[illegible]

ଫ୍ରାଇଡେ ରିଲିଜ୍

୦୫ ଜାନୁଆରୀ (ହିନ୍ଦି)

TAUBA
Tera
JALWA

ତୌବା ତେରା ଜଲୱା

[illegible]

ମେକ୍‌ଅପ୍ ଦାଦା ସମରେଶ୍

[illegible]

"ଓଡ଼ିଆ ସଂସ୍କୃତି ଓ ଚଳଣିକୁ ସିନେମାରେ ଦେଖାଇବାକୁ ଚାହିଁଥିଲି"

[illegible]

ସନ୍‌ଲିସା ପଟେଲ୍, ପ୍ରଯୋଜିକା

ସାକ୍ଷାତ୍କାର

[illegible]

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୫ ଜାନୁଆରୀ ୨୦୨୪

ଅମୃତ ମନ୍ଥନ

ଦେଶରେ ନିଯୁକ୍ତିର ସ୍ଥିତି ସମ୍ବନ୍ଧରେ ଧାରଣା ହାସଲ କରିବା ନିମିନ୍ତ ଅର୍ଥନୀତିଜ୍ଞମାନେ ବେକାରି ହାର ଉପରେ ନଜର ପକାଇଥାନ୍ତି । ପ୍ରଚଳିତ ମଜୁରି ହାରରେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ଉପଯୁକ୍ତ ଲୋକମାନେ ଯେତେବେଳେ ନିଯୁକ୍ତିହୀନ ଅବସ୍ଥାରେ ଥାନ୍ତି, ତାହାକୁ ଅର୍ଥନୀତିଜ୍ଞମାନେ ଅନିଚ୍ଛାକୃତ ବେକାରି ରୂପେ ବର୍ଣ୍ଣନା କରିଥାନ୍ତି । ଦେଶରେ ଏହି ଅନିଚ୍ଛାକୃତ ବେକାରି ହାର ଯେତେ ଉଚ୍ଚା ଥାଏ, ଦେଶରେ ଶ୍ରମଶକ୍ତିର ମନୋବଳ ସେତେ ନୀଚା ହୋଇଥାଏ । ନିଯୁକ୍ତି ହାସଲ କରିବାରେ ସଫଳତା ପ୍ରାପ୍ତି ନେଇ ସେମାନଙ୍କର ଆତ୍ମବିଶ୍ୱାସ ଦୁର୍ବଳ ହୋଇଥାଏ । ସେଇଭଳି ଶ୍ରମିକ-ଆତ୍ମବିଶ୍ୱାସ ସମ୍ବନ୍ଧରେ ଧାରଣା ସଂଗ୍ରହ କରିବା ନିମିନ୍ତ ଅର୍ଥନୀତିଜ୍ଞମାନେ ଯେଉଁ ଅନ୍ୟ ଏକ ସୂଚକ ଉପରେ ମଧ୍ୟ ଦୃଷ୍ଟି ରଖିଥାନ୍ତି, ତାହାକୁ 'ଶ୍ରମବଜାର ମନ୍ଥନ' ('ଲେବର ମାର୍କେଟ ଚର୍ନ') ରୂ?ପ ଅଭିହିତ କରାଯାଇଥାଏ । ଏହି ତଥାକଥିତ 'ମନ୍ଥନ' ବା 'ଚର୍ନ' ହେଉଛି ବାସ୍ତବରେ ଦଧିମନ୍ଥନ ଭଳି ଏକ 'ମନ୍ଥନ', ଯେଉଁଥିରେ ଶ୍ରମିକମାନେ ସେମାନଙ୍କର ନିଯୁକ୍ତିର ସ୍ଥାନ ପରିବର୍ନ୍ତନ କରିଥାନ୍ତି । ସେମାନେ ଯେତେ ଅଧିକ ସଂଖ୍ୟାରେ ଓ ଯେତେ ଅଧିକ ଥର ନିଯୁକ୍ତି ସ୍ଥଳରେ ପରିବର୍ନ୍ତନ ଘଟାଇଥାନ୍ତି, ଏହି ମନ୍ଥନ ?ସତେ ଦ୍ରୁତତର ହୋଇଥାଏ ଓ ମନ୍ଥନ ହାର ସେତେ ଉଚ୍ଚା ହୋଇଥାଏ । ଏହା ବୁଝିବା ନିମିନ୍ତ ଅର୍ଥଶାସ୍ତ୍ରରେ କେ?ଣସି ବିଶେଷ ଜ୍ଞାନର ଆବଶ୍ୟକତା ନାହିଁ ଯେ ଅର୍ଥନୀତିରେ ନିଯୁକ୍ତି ସୁଯୋଗ ଯେତେବେଳେ ଭରପୂର ହୋଇଥାଏ, ଜଣେ ଶ୍ରମିକଙ୍କ ପାଇଁ ଗୋଟିଏ କମ୍ପାନି ଛାଡ଼ି ଆଉ ଗୋଟିଏ କମ୍ପାନିରେ, ଗୋଟିଏ ଉଦ୍ୟୋଗରୁ ଇସ୍ତଫା ଦେଇ ଆଉ ଗୋଟିଏ ଉଦ୍ୟୋଗରେ ନିଯୁକ୍ତି ପାଇବା ସେତେ ସହଜ ହୋଇଥାଏ । ସେମାନେ ସେତେ ଅଧିକ ଦୃଢ଼ ନିଶ୍ଚିତ ଥାନ୍ତି ଯେ ଗୋଟିଏ ନିଯୁକ୍ତି ତ୍ୟାଗ କଲେ ତାଙ୍କୁ ଯେଉଁ ନୂତନ ନିଯୁକ୍ତି ମିଳିଯିବ ତାହା ତାଙ୍କର ଦକ୍ଷତା ସହିତ ଅଧିକ ମେଳ ଖାଇବ ଓ ସେଇ ଅନୁଯାୟୀ ତାଙ୍କର ପାରିଶ୍ରମିକ ସେତେ ? ଅଧିକ ହେବ ।ସ୍ୱାଭାବିକ ଭାବରେ ଯେତେବେଳେ ଅର୍ଥନୀତିରେ ନୂତନ ଜ୍ଞାନକେ?ଶଳ ପ୍ରବେଶ କରିଥାଏ, ସେତେବେଳେ ଏହି ଜ୍ଞାନକେ?ଶଳ ହାସଲ କରିଥିବା ଶ୍ରମିକମାନଙ୍କ ପାଇଁ ନୂତନ ନିଯୁକ୍ତି ଲାଭ କରିବା ସମ୍ଭାବନା ସେତେ ବୃଦ୍ଧି ପାଇଥାଏ । ଅର୍ଥାତ୍ ? ଜ୍ଞାନ କେ?ଶଳ ସ୍ଥିର ଥାଇ ଅର୍ଥନୀତିର ସମ୍ପ୍ରସାରଣ ଘଟିଲେ ଶ୍ରମ ବଜାରରେ ମନ୍ଥନ ଯେଉଁଭଳି ଦ୍ରୁତତର ହୋଇଥାଏ, ଜ୍ଞାନ କେ?ଶଳରେ ପରିବର୍ନ୍ତନ ଘଟିଲେ ମଧ୍ୟ ମନ୍ଥନ ହାରରେ ସେଇଭଳି ବୃଦ୍ଧି ଘଟିଥାଏ । କାରଣ ଯାହା ହେଉଥାଉ ନା କାହିଁକି, ଏକ ଉଚ୍ଚ ମନ୍ଥନ ହାର ନିଶ୍ଚିତ ରୂପେ ଏକ ଉଚ୍ଚ ଶ୍ରମିକ-ଆତ୍ମପ୍ରତ୍ୟୟର ବାହକ ହୋଇଥାଏ । ଏହି ପରିପ୍ରେକ୍ଷୀରେ 'ୱାର୍ଲ୍ଡ ? ଇକନମିକ୍ ? ଫୋରମ୍ ?' ('ଡବ୍ଲ୍ୟୁଇଏଫ୍ ?') ଦ୍ୱାରା ସଦ୍ୟ ପ୍ରକାଶିତ 'ଫ୍ୟୁଚ ?ର ଅଫ୍ ? ଜବ୍ ?ସ ୨୦୨୩' ରିପୋର୍ଟ ଆମ ପାଇଁ ବିଶେଷ ତାତ୍ପର୍ଯ୍ୟ ବହନ କରିଥାଏ । ନୂତନ ନିଯୁକ୍ତି ସୁଯୋଗର ସୃଷ୍ଟି ସହିତ ପୁରାତନ ନିଯୁକ୍ତିର ବିଲୟ ଘଟିବା ଯୋଗୁଁ ଶ୍ରମବଜାରରେ ଶ୍ରମିକମାନଙ୍କର ଯେଉଁ ଚଳନ ଘଟିଥାଏ ତାହାକୁ ମୋଟ ନିଯୁକ୍ତିପ୍ରାପ୍ତ ଶ୍ରମିକ ସଂଖ୍ୟାର ଏକ ଅନୁପାତ ଆକାରରେ ଏହି ରିପୋର୍ଟରେ ପ୍ରକାଶ କରାଯାଇଛି, ଯାହା ହେଉଛି ଶ୍ରମ ବଜାରରେ ଘଟୁଥିବା ମନ୍ଥନର ହାର । ଉପରୋକ୍ତ ରିପୋର୍ଟ ଅନୁସାରେ ଭାରତୀୟ ନିଯୁକ୍ତି ବଜାରରେ ଆସନ୍ତା ପା ଁ ବର୍ଷ ମଧ୍ୟରେ ୨୨ ପ୍ରତିଶତ ହାରରେ ମନ୍ଥନ ଘଟିବାକୁ ଯାଉଛି । ଉଲ୍ଲେଖଯୋଗ୍ୟ, ରିପୋର୍ଟରେ ସାରା ପୃଥିବୀର ନିଯୁକ୍ତି ବଜାରରେ ଏହି ସମୟ କାଳ ମଧ୍ୟରେ ଘଟିବାକୁ ଯାଉଥିବା ମନ୍ଥନ ହାର ଏହାଠାରୁ ମାତ୍ର ଏକ ଶତାଂଶ ଅଧିକ, ୨୩ ଶତାଂଶ ହେବ ବୋଲି ଦର୍ଶାଯାଇଛି । ସେଥିରେ ପୂର୍ବାନୁମାନ କରାଯାଇଛି ଯେ ଏହି ପ୍ରକ୍ରିୟା ?ର ଅଂଶ ସ୍ୱରୂପ ୨୦୨୭ ସୁଦ୍ଧା ପୃଥିବୀରେ ୮୩ ନିୟୁତ ଉପସ୍ଥିତ ନିଯୁକ୍ତିମାନଙ୍କର ବିଲୟ ଘଟିବାକୁ ଯାଉଥିବା ବେଳେ ୬୯ ନିୟୁତ ନୂତନ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି- ଅର୍ଥାତ୍ ଉପସ୍ଥିତ ନିଯୁକ୍ତିର ୨ ଶତାଂଶ ଧ୍ୱଂସ ପାଇବ । ଭାରତର ନିଯୁକ୍ତି ବଜାରରେ ଯେଉଁ ମନ୍ଥନ ଘଟିବ, ତାହା ମୁଖ୍ୟତଃ ପ୍ରାବିଧିକ କାରଣରୁ ଘଟିବ ବୋଲି ଏହି ରିପୋର୍ଟରେ କୁହାଯାଇଛି; ଯାହାର ଅବଦାନ ହେଉଛି ଏହିପରି: 'ଆର୍ଟିଫିସିଆଲ୍ ? ଇଣ୍ଟେଲିଜେନ୍ସ' (ଏଆଇ) ଓ 'ମେସିନ୍ ଲର୍ନିଙ୍ଗ୍' (ଏମଏଲ)- ୩୮ ଶତାଂଶ; ଡେଟା ଆନାଲିଷ୍ଟସ ଓ ସାଇଣ୍ଟିଷ୍ଟସ୍- ୩୩ ଶତାଂଶ; ଡେଟା ଏଣ୍ଟ୍ରି କ୍ଲର୍କ- ୩୨ ଶତାଂଶ । ଏଠାରେ ସୂଚନାଯୋଗ୍ୟ ଯେ ଅର୍ଥନୀତିର ଯେଉଁ କ୍ଷେତ୍ରରେ ଏହି ମନ୍ଥନ ସବୁଠାରୁ ଦୁର୍ବଳ ହେବ, ତାହା ହେଉଛି ଶ୍ରମ-ସଘନ କ୍ଷେତ୍ର, ଅର୍ଥାତ୍ ଯେଉଁଠି ମାନବୀୟ ଶାରୀରିକ ଶ୍ରମ ହିଁ ସମ୍ପୃକ୍ତ ଅର୍ଥନେ?ତିକ କାର୍ଯ୍ୟର ପ୍ରଧାନ ଆଧାର ହୋଇଥାଏ । ଏଥିରୁ ଯାହା ସ୍ପଷ୍ଟ ହୋଇଥାଏ, ତାହା ହେଲା ଭାରତରେ ଧ୍ୱଂସ ପାଇବାକୁ ଯାଉଥିବା ଉପସ୍ଥିତ ନିଯୁକ୍ତି ସଂଖ୍ୟା ତୁଳନାରେ ସୃଷ୍ଟି ହେବାକୁ ଯାଉଥିବା ନୂତନ ନିଯୁକ୍ତି ସଂଖ୍ୟା ଅଧିକ ହେଉ କି ନ ହେଉ, ଆମର ଭବିଷ୍ୟତର ନିଯୁକ୍ତି ଆଶାୟୀମାନଙ୍କୁ ଏ ସମସ୍ତ ନୂତନ ନିଯୁକ୍ତି ନିମିନ୍ତ ଉପଯୁକ୍ତ ବିବେଚିତ ହେବା ନିମନ୍ତେ ଆବଶ୍ୟକ ଜ୍ଞାନକୌଶଳମାନଙ୍କରେ ପଟୁତା ହାସଲ କରିବାକୁ ହେବ । ଏହି ପରିପ୍ରେକ୍ଷୀରେ ବିକଶିତ ଦେଶମାନଙ୍କର ଏକ ସଂଗଠନ, 'ଅର୍ଗାନାଇଜେସନ୍ ଅଫ୍ ଇକନମିକ୍ କୋଅପରେସନ୍ ଆଣ୍ଡ ଡେଭଲପ୍‌ମେଣ୍ଟ' ('ଓଇସିଡି') ଭାରତୀୟ ନିଯୁକ୍ତି ସନ୍ଧାନୀମାନଙ୍କ ସମ୍ପର୍କରେ ପ୍ରଦାନ କରିଥିବା ମନ୍ତବ୍ୟ ପ୍ରଣିଧାନଯୋଗ୍ୟ । ଏହି ସଂଗଠନ

ନ୍ୟାୟ ବ୍ୟବସ୍ଥାରେ ଅସଂଗତି : ବିଚାରାଧୀନ ବନ୍ଦୀଙ୍କ ଦଶା

କହିବା ବାହୁଲ୍ୟ ଯେ, ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ବ୍ରିଟିସ ଶାସନ କାଳରେ ଥିବା ଶାସନ-ପ୍ରଶାସନ ବ୍ୟବସ୍ଥା ଓ ନ୍ୟାୟ ବ୍ୟବସ୍ଥା ଇତ୍ୟାଦି ଆମେ ମୋଟାମୋଟି ଭାବେ ଉନ୍ନରାଧିକାର ସୂତ୍ରରେ ପାଇଛୁ । ଆମେ ଭାରତୀୟମାନେ ଅଧିକାଂଶ ହେଲୁ ପ୍ରଭୁ ଭକ୍ତ । ୧୯୪୭ ପୂର୍ବରୁ ପ୍ରଶାସନିକ ଅଧିକାରୀ ଓ ନ୍ୟାୟାଧୀଶମାନଙ୍କୁ ଆମର କେତେ ଜଣ ବାଧ୍ୟ ହୋଇ 'ପ୍ରଭୁ' ବା ଇଂରେଜୀରେ 'ମାଇଁ ଲର୍ଡ' ବୋଲି ସଂବୋଧନ କରୁଥିଲେ ତ ଆଉ କିଛି ଆନୁଗତ୍ୟରେ 'ପ୍ରଭୁ' ବୋଲି ସଂବୋଧନ କରୁଥିଲେ । ଏଇ କେତେ ବର୍ଷ ଆଗରୁ ଆମ ସର୍ବୋଚ୍ଚ ନ୍ୟାୟାଳୟ 'ମାଇଁ ଲର୍ଡ' ସଂବୋଧନକୁ ବାରଣ କରିଛନ୍ତି । ଏହାର ପୂର୍ବ ପର୍ଯ୍ୟନ୍ତ ଏଭଳି ପ୍ରଭୁଭକ୍ତିର ପ୍ରତୀକାତ୍ମକ ସଂବୋଧନଟି ଆମ ଦେଶର ନ୍ୟାୟାଳୟରେ ମଧ୍ୟ ବଳବନ୍ତର ଥିଲା । ବ୍ରିଟିସ୍ ସାମ୍ରାଜ୍ୟବାଦ ତା'ର ଶାସନ ଓ ଶୋଷଣକୁ ସୁହାଇବା ପରି ଅନେକ ଆଇନ ତିଆରି କରିଥିଲା । ଏପରି ପ୍ରାୟ ୧୮୫ଟି ଆଇନ ଆମ ପ୍ରଭୁ ଭକ୍ତିର ମାପକାଠି ସାଜି ଏ ଯାବତ୍ ବଳବନ୍ତର ରହିଛି । ମୂଳ ଆଇନରେ ସାମାନ୍ୟ ଏପଟ ସେପଟ କରି ଆମେ ଆହୁରି ଅନେକ ଆଇନ ଏ ଯାବତ୍ ଚଳାଇ ରଖିଛୁ । ନାମ ପରିବର୍ନ୍ତନ ପୂର୍ବରୁ ଓ ପରେ ଭାରତୀୟ ସାକ୍ଷ୍ୟ ଆଇନ, ଭାରତୀୟ ଦଣ୍ଡ ସଂହିତା ଓ ଫେ?ଜଦାରୀ ମାମଲା ପଦ୍ଧତି ନିୟମାବଳୀ (ଇଣ୍ଡିଆନ୍ ଏଭିଡେନ୍?ସ ଆକ୍?ଟ, ଇଣ୍ଡିଆନ୍ ପେନାଲ୍ ? କୋଡ୍ ଆଣ୍ଡ କ୍ରିମିନାଲ୍ ପ୍ରସ୍ୟୁଜର୍ କୋଡ୍) ମଧ୍ୟ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ । ଅନ୍ୟ ପଟେ, ବ୍ରିଟିସ୍ ? ଶାସନ ବିରୋଧରେ ସଂଗ୍ରାମ କରି ଜେଲ୍ ମଧ୍ୟରେ ଥିବା ତଥା ସେଠାରେ ଥାଇ ବ୍ରିଟିସ ବିଚାର ବ୍ୟବସ୍ଥାର ନକାରାତ୍ମକ ପରିବେଶର ସମ୍ମୁଖୀନ ହୋଇଥିବା ସଂଗ୍ରାମୀମାନେ କିଛି ସଫଳତା ହାସଲ କରିଥିଲେ । ତାଙ୍କରି ଉପଲବ୍?ଧି ଆଧାରରେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ସେମାନେ ଶାସକ ସାଜିଲେ ଏବଂ ବିଚାର ବ୍ୟବସ୍ଥାରେ କିଛି ସଂସ୍କାର ପାଇଁ ଏକ ନୂତନ ଆଇନ ଜନ୍ମ ନେଇଥିଲା; ଯାହା ଥିଲା ବନ୍ଦୀମାନଙ୍କ କୋର୍ଟରେ ଉପସ୍ଥିତି ଆଇନ, ୧୯୫୫- 'ପ୍ରିଜନର୍ସ ଆଟେନ୍?ଡାନସ୍ ଇନ୍ କୋର୍ଟ ଆକ୍?ଟ-୧୯୫୫' । କିନ୍ତୁ ବିଡ଼ମ୍ବନା ହେଲା, ଏବେ ଏହି ଆଇନ ଖାଲି କାଗଜପତ୍ରରେ ଆଇନ ହୋଇ ରହିଯାଇଛି । ଏ ଆଇନର ଭୂମିକାରେ ତା'ର ଉଦ୍ଦେଶ୍ୟଟି ଲିଖିତ ଅଛି । ତାହାର ସାରାଂଶ ହେଲା "ଜଣେ ବନ୍ଦୀକୁ କୋର୍ଟରେ ସାକ୍ଷ୍ୟ ପ୍ରଦାନ ପାଇଁ କିମ୍ବା ତା'ର ବିଚାର ପାଇଁ ଉପସ୍ଥିତ କରାଇବା ନିମନ୍ତେ ଥିବା 'ବନ୍ଦୀମାନଙ୍କ ଆଇନ-୧୯୦୦'ର ନବମ ଭାଗରେ ସନ୍ନିବେଶିତ ନିୟମମାନ ଅସୁବିଧାଜନକ ଥିବାରୁ ଫେ?ଜଦାରୀ ମାମଲାର ବିଚାରରେ ଅନାବଶ୍ୟକ ବିଳମ୍ବ ଘଟିଚାଲିଛି ଏବଂ ବିଚାରାଧୀନ ବନ୍ଦୀମାନେ ଅନାବଶ୍ୟକ ଭାବେ ଅଟକ ରହିବାକୁ ବାଧ୍ୟ ହେଉଛନ୍ତି । ଯେଉଁ କାରଣରୁ ଏହି ପଦ୍ଧତିର ସରଳୀକରଣ ଆବଶ୍ୟକ ଏବଂ ସେଥି ଲାଗି 'ବନ୍ଦୀମାନଙ୍କ କୋର୍ଟରେ ଉପସ୍ଥିତି' ସଂକ୍ରାନ୍ତ ବିଲ୍ ଅଣାଗଲା ।'' ଏହା ଆଇନରେ ପରିଣତ ହେବା ପରେ ଏହା ଅନୁଯାୟୀ କୋର୍ଟ ଏକ ଉଲ୍ଲିଖିତ ଫର୍ମରେ ଜେଲ୍ ଅଫିସରଙ୍କୁ ନିର୍ଦ୍ଦେଶ ଦେଲା ପରେ ଜେଲ୍ ଅଫିସର ସଂପୃକ୍ତ ବନ୍ଦୀଙ୍କୁ ନେଇ କୋର୍ଟରେ ହାଜର କରାଇବେ । ସ୍ୱାଧୀନତା ପୂର୍ବରୁ ଥିବା ବ୍ୟବସ୍ଥା ଅନୁଯାୟୀ କୋର୍ଟ, ତାଙ୍କ ନିର୍ଦ୍ଦେଶଟି କଲେକ୍ଟର କିମ୍ବା ସବ୍ ? କଲେକ୍ଟରଙ୍କ ପାଖକୁ ପଠାଉଥିଲେ । ଆଇନରେ ଉଲ୍ଲେଖ ନ ଥିଲେ ବି କଲେକ୍ଟରଙ୍କ ଦପ୍ତର ନିର୍ଦ୍ଦେଶଟିକୁ ଥାନାକୁ ପଠାଉଥିଲେ । ପୁଲିସ ସେ ନିର୍ଦ୍ଦେଶନାମା ଧରି ଜେଲ୍‌କୁ ଯାଇ ବନ୍ଦୀଙ୍କୁ କୋର୍ଟରେ ହାଜର କରିବାକୁ ନେଉଥିଲେ । ପୁରୁଣା ଆଇନରେ ତିନି ସେଣାରେ ପାଣି ଉଠୁଥିଲା । କେ?ଣସି କାରଣରୁ କଲେକ୍ଟର ଅଫିସରୁ ନିର୍ଦ୍ଦେଶ ପଠାଇବାରେ ବିଳମ୍ବ ହେଲେ କିମ୍ବା ଥାନାବାଲା ଅନ୍ୟ କାମରେ ବ୍ୟସ୍ତ ଥିଲେ ବା ବ୍ୟସ୍ତ ଥିବାର ଆଳ ଦେଖାଇ ସଂପୃକ୍ତ ବିଚାରାଧୀନ କଏଦୀଙ୍କୁ ଅଦାଲତରେ ନ ପହଚାଂଇଲେ ସ୍ୱାଭାବିକ ଭାବେ ବିଚାର ହୋଇପାରୁ ନ ଥିଲା । ପୁଣି, ବିଚାର ପାଇଁ ଆଉ ଏକ ଦିନ ଧାର୍ଯ୍ୟ ହେଉଥିଲା । ତାରିଖ ପରେ ତାରିଖ ଗଡୁଥିଲା । ଏପରି ଭାବେ ଜଣେ ବିଚାରାଧୀନ ବନ୍ଦୀ ବିନା ବିଚାରରେ ଜେଲ୍‌ରେ ବର୍ଷ ବର୍ଷ ଶଡୁଥିଲା । ସେ ଦୋଷୀ ବୋଲି ପ୍ରମାଣିତ ନ ହୋଇ ବି ଏଭଳି ଦଣ୍ଡ ଭୋଗି ଚାଲୁଥିଲା । ଦେଶ ସ୍ୱାଧୀନ ହେବା ପରେ ଆମ ଆଇନ ପ୍ରଣେତାମାନେ 'ବନ୍ଦୀମାନଙ୍କ (କୋର୍ଟରେ ଉପସ୍ଥିତି) ଆଇନ ୧୯୫୫' ଦେଶକୁ ଭେଟି ଦେଲେ । ଏହି ଆଇନର ଧାରା ୫ରେ ଜଣେ ବନ୍ଦୀଙ୍କୁ କୋର୍ଟ ନିର୍ଦ୍ଦେଶ ମୁତାବକ ଜେଲ୍ କର୍ନୃପକ୍ଷ କୋର୍ଟରେ ହାଜର କରାଇବା ନେଇ ସ୍ପଷ୍ଟ ଉଲ୍ଲେଖ ରହିଛି । କିନ୍ତୁ, 'ସି.ଆ ?ର୍.ପି.ସି.'ର ସଂଶୋଧିତ ରୂପର ଭାଗ ୨୨ ଧାରା ୨୭୦ରେ ସେଇ ଏକା ପୁରୁଣା ନିୟମ ରହିଛି । ସୁତରାଂ, ଏଣିକି କୋର୍ଟରୁ ଜେଲ୍‌କୁ ନାଁକୁ ମାତ୍ର ନିର୍ଦ୍ଦେଶଟି ଗଲା ସିନା ଅସଲ କାର୍ଯ୍ୟକାରୀ କରିବାର ଦାୟିତ୍ୱଟି ରହିଲା ସେଇ ପୁଲିସ ହାତରେ । ଯାହା ବଦଳିଲା, ତାହା ହେଉଛି ନିର୍ଦ୍ଦେଶଟି କଲେକ୍ଟରଙ୍କ ଦପ୍ତରକୁ ନ ଯାଇ ଜେଲ୍ ଦପ୍ତରକୁ ଗଲା । କିନ୍ତୁ ବନ୍ଦୀ କୋର୍ଟରେ ହାଜର ହେବ କି ନାହିଁ, ତାହା ପୁଲିସବାଲାଙ୍କ ଇଚ୍ଛା ଓ ସକ୍ରିୟତା ଉପରେ ନିର୍ଭର କଲା । ବନ୍ଦୀମାନଙ୍କ କୋର୍ଟରେ ଉପସ୍ଥିତି ଆଇନ, ୧୯୫୫ର କିଛି ପ୍ରମୁଖ ବିଷୟ ଉପରେ ଚର୍ଚ୍ଚା କରାଯିବା ଦରକାର । ପ୍ରଥମ କଥା ହେଲା, ଜଣେ ଦୋଷ କରୁ ବା ନ କରୁ, ଅନ୍ୟ ଜଣେ ତା' ଉପରେ ଅଭିଯୋଗ ଆଣିପାରିବ ସିନା ତାହା ସିଧାସଳଖ ଅଦାଲତୀ ମାମଲା ରୂପେ ଗୃହୀତ ହୁଏ ନାହିଁ । ସେ ଯିବ ପୁଲିସ ପାଖକୁ । ପୁଲିସ ତା' ଅଭିଯୋଗ ଗ୍ରହଣ କରିପାରେ ବା ନ ପାରେ ମଧ୍ୟ । ଆମ ଫେ?ଜଦାରୀ ଆଇନ ଅନୁସାରେ କେ?ଣସି ବ୍ୟକ୍ତି ଅଭିଯୋଗ ନ କଲେ ମଧ୍ୟ, ପୁଲିସ ସିଧାସଳଖ ତା' ପକ୍ଷରୁ ଅଭିଯୋଗ ପତ୍ରଟି ଲେଖି ଗ୍ରହଣ କରିପାରିବ । ଅର୍ଥାତ୍, ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ, ପୁଲିସ ହିଁ ଅଭିଯୋଗକାରୀ ହୋଇ ରହିବ । ଅଭିଯୋଗ ଆଧାରରେ ପୁଲିସ ହିଁ ଅଭିଯୁକ୍ତଙ୍କୁ ଗିରଫ କରିବ । ଥାନାରେ ବେଆଇନ ଭାବେ ମାରପିଟ୍ କରି ତଥ୍ୟ ହାସଲ ଆଳରେ ନିର୍ଯାତନା ଦେବ । ନିର୍ଯାତନା ପରେ ଅଭିଯୁକ୍ତଙ୍କୁ ଜେଲ୍ ପଠାଇ ଦିଆଯିବ । ଏଇଟା ବ୍ରିଟିସ ଷ୍ଟାଇଲ । କିନ୍ତୁ ଆମ ପୁଲିସ ଜାଣନ୍ତି ନାହିଁ ଯେ ବ୍ରିଟିସମାନେ ତାଙ୍କ ଦେଶରେ ଏ ଷ୍ଟାଇଲକୁ ନିଷେଧ କରି ସାରିଲେଣି । ବସ୍ତୁତଃ, କୋର୍ଟରେ ଅପରାଧ ନେଇ ବିଚାର ହେବା ପୂର୍ବରୁ ପୁଲିସ ଅଭିଯୁକ୍ତଙ୍କୁ ଦୋଷୀ ରୂପେ ସଜାଇ ଅଧା ଦଣ୍ଡ ଦେଇ ସାରିଥାଏ । ଯଦିବା ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇବା ବ୍ୟତୀତ ଆଇନ ପୁଲିସକୁ ଆଉ କେ?ଣସି ଅଧିକାର ଦେଇ ନାହିଁ । ଏହା ପରେ ଅଭିଯୋଗପତ୍ର ଆଧାରରେ ତଦନ୍ତ ଚାଲେ । ଦୁଃଖର ବିଷୟ ଯେ ଆମ ଦେଶରେ ତଦନ୍ତ ଭାର ଅନ୍ୟ କେ?ଣସି ସଂସ୍ଥା ଉପରେ ନ୍ୟସ୍ତ କରି ଅଭିଯୋଗର ସତ୍ୟାସତ୍ୟ ଜାଣିବାର ଚେଷ୍ଟା କରାଯାଏନା । ପୁଲିସ ତଦନ୍ତ କରେ ଓ ସତ ମିଛ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରି ଅଭିଯୁକ୍ତ ବିରୋଧରେ କୋର୍ଟଙ୍କ ପାଖରେ ଅଭିଯୋଗ ଫର୍ଦ୍ଦ ଦାଖଲ କରେ । ତା'ରି ଆଧାରରେ କୋର୍ଟରେ ବିଚାର ଚାଲେ, ସାକ୍ଷୀ ଡକାଯାଏ, ସାକ୍ଷୀଙ୍କ ବୟାନ ଲିପିବଦ୍ଧ ହୁଏ ଓ ବିଚାର ପରେ ରାୟ ପ୍ରକାଶ ପାଏ । ଏ ସମୁଦାୟ ପ୍ରକ୍ରିୟାରେ ମୂଳତଃ ପୁଲିସର ମାତ୍ରାଧିକ କ୍ଷମତା ଦୃଷ୍ଟିଗୋଚର ହୁଏ । ସେ ଏକାଧାରରେ ଅଭିଯୋଗକାରୀ (ପ୍ରତ୍ୟକ୍ଷ ବା ପରୋକ୍ଷ), ତଦନ୍ତକାରୀ । ତେଣୁ ଜଣେ ବିଚାରାଧୀନ ବନ୍ଦୀ ଜେଲ୍‌ରୁ କୋର୍ଟକୁ ଯିବା ନିର୍ଭର କରେ ପୁଲିସର ଇଚ୍ଛା, ଦୟା ଓ ସକ୍ରିୟତା ଉପରେ । କହିବା ନିଷ୍ପ୍ରୟୋଜନ ଯେ ଆଜିବି ଅଧିକାଂଶ ମାମଲାରେ ପୁଲିସ ବିଭାଗ ଇଚ୍ଛା କରି ଅସଂଖ୍ୟ ବିଚାରାଧୀନ ବନ୍ଦୀଙ୍କୁ କୋର୍ଟରେ ନିୟମିତ ହାଜର କରାଉନାହିଁ । ବନ୍ଦୀଟି ହାଜର ହୋଇଥିଲେ ମଧ୍ୟ ତଦନ୍ତକାରୀ ପୁଲିସ କର୍ମଚାରୀ ସାକ୍ଷୀଙ୍କୁ ଆଣନ୍ତି ନାହିଁ । ଅଦାଲତ ମଧ୍ୟ ସି.ଆ ?ର୍.ପି.ସି.ର ଧାରା ୩୦୯ ଅନୁଯାୟୀ ଫୌଜଦାରୀ ମାମଲାର ବିଚାର ପ୍ରତ୍ୟେକ ଦିନ କରି ତୁରନ୍ତ ମାମଲାର ପରିସମାପ୍ତି ଘଟାଇବାକୁ ଚେଷ୍ଟା କରନ୍ତିନି । ଧାରା ୩୦୯ରେ ଥିବା ବିକଳ୍ପ ନିୟମଟିର ଫାଇଦା ନେଇ ୧୪ ଦିନିଆ ବା ମାସିକିଆ ବିଚାର ଲାଗି ତାରିଖଟି ଧାର୍ଯ୍ୟ କରି ବିଚାର ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଘଟାଇ ଚାଲନ୍ତି । ସତ୍ୟେନ୍ଦ୍ର କୁମ ?ାର ଅଣ୍ଟିଲ୍ ବନାମ ସି.ବି.ଆଇ ଆଣ୍ଡ ଏ.ଏନ୍ ?.ଆ, ୨୦୨୨ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଧାରା ୩୦୯ର କାର୍ଯ୍ୟକାରିତା ନେଇ ନିର୍ଦ୍ଦେଶ ଦେବା ପରେ ମଧ୍ୟ ପରିସ୍ଥିତିରେ କେ?ଣସି ପରିବର୍ନ୍ତନ ହୋଇନାହିଁ । ଦ୍ୱିତୀୟ ବିଷୟ ହେଲା ନିୟମ ଅନୁଯାୟୀ ପୁଲିସ ଦ୍ୱାରା ଗିରଫ ଜଣେ ଅଭିଯୁକ୍ତଙ୍କୁ ୨୪ ଘ[। ମଧ୍ୟରେ କୋର୍ଟରେ ହାଜର କରାଇବାକୁ ହେବ । ତାହା ନ କରି ଅଧିକ କାଳ ପୁଲିସ ତା' ହେପାଜତରେ ଅଭିଯୁକ୍ତଙ୍କୁ ରଖି ପାରିବନି । ଅଧିକ ତଦନ୍ତ ଆବଶ୍ୟକ ହେଲେ ପୁଲିସ ତାକୁ କୋର୍ଟରେ ହାଜର କରାଇ ରିମାଣ୍ଡ ମାଗିବ । କିନ୍ତୁ, ଏହି ରିମାଣ୍ଡ ଅବଧି ମଧ୍ୟ ୧୪ ଦିନରୁ ଅଧିକ ହୋଇ ପାରିବନାହିଁ । ଅର୍ଥାତ୍, ଜଣେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଇ ଜେଲ୍ ପଠାଇବା ପରେ ନିୟମତଃ ସେ ବିଚାର ବିଭାଗର ତତ୍ତ୍ୱାବଧାନରେ ରହିବା କଥା । ଜେଲ୍ ହେଉଛି ବିଚାର ବିଭାଗର ତତ୍ତ୍ୱାବଧାନରେ ଥିବା ଜାଗା । ସି.ଆ ?ର୍.ପି.ସି.ର ଧାରା ୫୭ ଓ ୧୬୭ ଅନୁସା?ର, ଗିରଫ ହେବାର ପ୍ରଥମ ସର୍ବାଧିକ ୧୪ ଦିନ ମଧ୍ୟରେ କେବଳ ପଚରାଉଚୁରା ପାଇଁ ପୁଲିସ ଅଦାଲତଙ୍କ ଅନୁମତିରେ ତାଙ୍କୁ ରିମାଣ୍ଡରେ ନେଇ ନିଜ ତତ୍ତ୍ୱାବଧାନରେ ରଖିପାରିବ । ଏଇ ପ୍ରଥମ ୧୪ ଦିନ ପରେ କେ?ଣସି ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହେପାଜତ/ ଜେଲ୍ ?ରୁ ନେଇ ପୁଲିସ ହାତରେ ସମର୍ପିବାର କେ?ଣସି ନିୟମ ନାହିଁ । କିନ୍ତୁ ଏହି କଟକଣାକୁ ଭାଙ୍ଗି ଜେଲ୍ ? (ବିଚାର ବିଭାଗ ହେପାଜତ)ରୁ ବିଚାରାଧୀନ ବନ୍ଦୀମାନଙ୍କୁ କୋର୍ଟରେ ହାଜର କରାଇବା ଆଳରେ ନିୟମିତ ଭାବେ ପୁଲିସ ହାତରେ ସମର୍ପି ଦିଆଯାଉଛି, ଯାହା ଆଇନଗତ ବ୍ୟବସ୍ଥା ବାହାରେ । କିନ୍ତୁ ପୁଲିସ ଅଭିଯୁକ୍ତଙ୍କୁ ଧମକ ଦେଇ ବା ମାଡ଼ ମାରି ତା' ଇଚ୍ଛା ମୁତାବକ ତଥ୍ୟ ହାସଲ କରୁଛି, ମିଛ ଗୁଳି ବିନିମୟର ନାଟକ ରଚନା କରି ତାକୁ ହତ୍ୟା ବି କରୁଛି । ଏଭଳି ଅନେକ ଘଟଣା ଘଟୁଛି । ଦୁଃଖର ବିଷୟ, ?ଜେଲ୍ ବିଭାଗର କର୍ମଚାରୀ ଅଭାବ ବା ଭିତ୍ତିଭୂମିର ଅଭାବ ଭଳି ଆଳ ଦେଖାଇ ଏ ଆଇନକୁ ଓଡ଼ିଶା ସମେତ ଅନେକ ରାଜ୍ୟ କାର୍ଯ୍ୟକାରୀ କରୁ ନାହାନ୍ତି । ସୂଚନା ଅଧିକାର ଆଇନ ଆଧାରରେ ସଂଗୃହୀତ ତଥ୍ୟ ଅନୁଯାୟୀ କେରଳ, ପଞ୍ଜାବ, ଗୋଆ, ଚଣ୍ଡିଗଡ଼, ପଣ୍ଡିଚେରୀ ଓ ତେଲେଙ୍ଗାନା ଆଦି ରାଜ୍ୟକୁ ବାଦ୍ ଦେଲେ ଅନ୍ୟ ସବୁ ରାଜ୍ୟରେ ଏହି ଆଇନର ଉଲ୍ଲଂଘନ କରାଯାଉଛି ଏବଂ ବିଚାରାଧୀନ ବନ୍ଦୀମାନଙ୍କୁ କୋର୍ଟରେ ହାଜର କରିବା ଆଳରେ ପୁଲିସ ହାତରେ ସମର୍ପି ଦିଆଯାଉଛି । ୧୯୫୫ ମସିହାରେ ଅଣାଯାଇଥିବା ଆଇନର ଅନୁପାଳନରେ ଏହି ବିଡ଼ମ୍ବନା ଦୃଶ୍ୟମାନ, ଯହିଁରେ ନାଗରିକ ଅଧିକାରର ଖୋଲା ଉଲ୍ଲଂଘନ ବଳବନ୍ତର ହୋଇ ରହିଛି ।

ସଙ୍କଟରେ ଏବେ ଗ୍ରୀନ୍‌ଲ୍ୟାଣ୍ଡ

ଦକ୍ଷିଣ ମେରୁରେ ବରଫ କ୍ଷୟ ପ୍ରସଙ୍ଗ ପୂର୍ବରୁ ଆମ ଆଲୋଚନାକୁ ଆସିଛି । ଆଟାସର୍କଟିକାରେ ସ୍ଥିତି ଅପରିବର୍ତ୍ତିତ ରହିଥିବା ବେଳେ ନିକଟରେ ଅନ୍ୟ ଏକ ରିପୋର୍ଟ ଉଲ୍ଲେଖ କରିଛି ଯେ କେବଳ ୨୦୧୯ ରେ ଗ୍ରୀନ୍‌ଲ୍ୟାଣ୍ଡରେ ବରଫ କ୍ଷୟ ୫୩୨ ବିଲିୟନ ଟନ୍ ରେକର୍ଡ ହୋଇଛି । ଉଲ୍ଲେଖଯୋଗ୍ୟ, ୨୦୧୨ରେ ଏଠି ୪୬୪ ବିଲିୟନ ଟନ୍ କ୍ଷୟ (ବରଫ) ରେକର୍ଡ ହୋଇଥିଲା । ରିପୋର୍ଟ ଦର୍ଶାଇଛି, କେବଳ ଗ୍ରୀନ୍‌ଲ୍ୟାଣ୍ଡର ଏଇ ଅସନ୍ତୁଳିତ ଅବସ୍ଥା କାରଣରୁ ସାରା ପୃଥିବୀରେ ସମୁଦ୍ର ପତନ ହାରାହାରି ୧.୫ ମି.ମି. ବଢ଼ିଯିବ । ବିଗତ ୧୨,୦୦୦ ବର୍ଷ ଧରି ଏ ଅଂଚଳରେ ଯାହା ଘଟି ନଥିଲା, ତାହା ଘଟିବା ଆରମ୍ଭ ହୋଇଛି । କମ୍ପ୍ୟୁଟର ମଡେଲିଂ ଅଧ୍ୟୟନ ମୁତାବକ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ସମୁଦ୍ର ପନ୍ତନ ୨ ସେ.ମି.ରୁ ୧୦ ସେ.ମି. ପର୍ଯ୍ୟନ୍ତ ବଢ଼ିପାରେ । ସେତିକି ନୁହେଁ, ଯଦି ଏଇ ହାରରେ ବରଫ ହାନି ଜାରି ରହେ, ଆଗାମୀ ୧୦୦୦ ବର୍ଷ ଭିତରେ ଗ୍ରୀନ୍‌ଲ୍ୟାଣ୍ଡର ଜମାରୁ ଚିହ୍ନବର୍ଣ୍ଣ ନଥିବ । ସେତେବେଳକୁ ବରଫ କ୍ଷୟ (ବାର୍ଷିକ) ପାଖାପାଖି ୩୬,୦୦୦ ବିଲିୟନ ଟନ୍‌ରେ ପହ ଁ ସାରିଥିବ । ଗ୍ରୀନ୍‌ଲ୍ୟାଣ୍ଡ ଭୌଗୋଳିକ ଅର୍ଥରେ ପୃଥିବୀର ସର୍ବବୃହତ୍ ଦ୍ୱୀପ ଯାହାର ୮୦% ବରଫରେ ଆଚ୍ଛାଦିତ । ବରଫ ତ ସାଧାରଣ ଅର୍ଥରେ ନୁହେଁ, ବରଂ କହିବା ଠିକ୍ ହେବ ଏହାକୁ ପ୍ରାଚୀନ ବରଫ ଚଟାଣ । ଏକଥା ମଧ୍ୟ ଜଣାପଡ଼ିଛି, ଗ୍ରୀନ୍‌ଲ୍ୟାଣ୍ଡର ହଜାର ହଜାର ହିମବାହ ଯେଉଁମାନେ ସୁଦୂର ଅତୀତରୁ ବ୍ୟବସ୍ଥିତ/ ସନ୍ତୁଳିତ ଥିଲେ, ଏବେ ତାପମାତ୍ରା ବୃଦ୍ଧି କାରଣରୁ ମହାକ୍ଷୟକୁ ସାମ୍ନା କରୁଛନ୍ତି । ଅର୍ଥାତ୍, ସେମାନଙ୍କର ତରଳିବା ଦ୍ରୁତତର ହୋଇଛି । ତାପମାତ୍ରା ବୃଦ୍ଧି ପାଇଛି ଉଭୟ ସମୁଦ୍ରରେ ଓ ବାତାବରଣରେ । ଗତ ଶତାବ୍ଦୀର ଅଷ୍ଟମ ଦଶକରୁ ବାରି ହୋଇ ପଡ଼ିଥିବା ହିମବାହ କ୍ଷୟ ବର୍ନ୍ତମାନ ଉଦ୍‌ବେଗଜନକ ସ୍ଥିତିରେ । ୧୯୮୫ରୁ ୨୦୦୦ ଭିତରେ ଯେଉଁ ହାରରେ ହିମବାହ ସଂକୁଚିତ ହେଉଥିଲେ, ଏବେ ତାହା ଅତି କମ୍‌ରେ ୧୫ ପ୍ରତିଶତ ଅଧିକ ତୀବ୍ର । କଳେବର କ୍ଷୟ ଅବ୍ୟାହତ । ଉତର-ପୂର୍ବ ଗ୍ରୀନ୍‌ଲ୍ୟାଣ୍ଡରେ ଭାସମାନ, ଅଥଚ ତଥାପି ଭୂମି ସଂଲଗ୍ନ ପ୍ରକାଣ୍ଡ ବରଫ ଚଟାଣ '୭୯-ଏନ୍'ର ଏକ ଅଂଶ ନିକଟରେ ଧସି ପଡ଼ିଛି ଯାହାର ଆକାର ୧୧୦ ବର୍ଗ କି.ମି. । ବିବିସି ୧୪ ସେପ୍ଟେମ୍ବର, ୨୦୨୦ରେ ପ୍ରକାଶ କରିଥିବା ରିପୋର୍ଟ ଆଧାରରେ ଏଇ ଅଂଚଳରେ ଗତ ୩୦ ବର୍ଷ ଭିତରେ ତାପମାତ୍ରା ୩ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଛି । ବିଶେଷକରି ଶେଷ ୨ ବର୍ଷରେ ତାତି ଅଧିକ ବଢ଼ିଛି । ଆକଳନ: '୭୯-ଏନ୍'ର କ୍ଷୟ ଆଗକୁ ଅଧିକ ହିମବାହ କ୍ଷୟର କାରଣ ପାଲଟିବ । ଗବେଷକମାନେ ସୂଚେଇଛନ୍ତି, ୪୦ ବର୍ଷ ପୂର୍ବେ ଗ୍ରୀନ୍‌ଲ୍ୟାଣ୍ଡ ଯେତିକି ବରଫ ହରାଇ ଥିଲା, ଏବେ ତା'ଠୁ ସାତ ଗୁଣ କ୍ଷିପ୍ର ଗତିରେ କ୍ଷୟ ଜାରି ରହିଛି । ଆଉ ଖାସ୍ ଉତର ମେରୁରେ ଉତ୍ତାପ ବୃଦ୍ଧି ଓ ବରଫ ତରଳିବା କାରଣରୁ ୨୧୦୦ ଆଡ଼କୁ ୨୫ ନିୟୁତ ଉପକୂଳ ବାସିନ୍ଦା ସାମୁଦ୍ରିକ ବନ୍ୟାକୁ ସାମ୍ନା କରିବେ । ପାଠକେ, ପରିବେଶବିତ୍‌ମାନଙ୍କ ସତର୍କ ସୂଚନା ଫେଲ୍ ମାରି ସାରିଛି । ପର୍ଯ୍ୟାବରଣକୁ ଗୁରୁତ୍ୱ ଦେବା ପାଇଁ ଅର୍ଥନୀତିମାନେ ଯେତିକି ପ୍ରସ୍ତୁତ ରହିବା କଥା, ସେତିକି ହୋଇ ପାରିନାହିଁ । ଏକାଧିକ ରାଜିନାମା, ସମ୍ମିଳନୀ, ଶିଖର ବୈଠକ ସବୁ ଫେଲ୍ । ପରିସ୍ଥିତିକୁ ସ୍ୱର୍ଣ୍ଣକାତର କରିବାରେ ସର୍ବାଧିକ ଯୋଗଦାନ ରହିଛି ଯୁକ୍ତରାଷ୍ଟ୍ର ଆମେରିକାର । ବିଶେଷକରି ଅଙ୍ଗାରକାମ୍ଳ ପ୍ରଦୂଷଣ ବଢ଼ାଇବାରେ । ପ୍ରାକୃତିକ ଚକ୍ରରେ ଗ୍ରୀନ୍‌ଲ୍ୟାଣ୍ଡର ବାର୍ଷିକ ବରଫ କ୍ଷୟ ସବୁ ବର୍ଷ ୫୩୨ ବିଲିୟନ ଟନ୍ ହୁଏତ ଟପି ନପାରେ, ତେବେ ଯାର ଅର୍ଥ ନୁହେଁ ଯେ ଭଲ ଅବସ୍ଥା ଫେରି ଆସିବ । କ୍ଷତ ଓ କ୍ଷତିର ଭରଣା ହୋଇଯିବ । ଉପଗ୍ରହ ଅଧ୍ୟୟନ ଅନୁସାରେ, ୨୦୦୨ରୁ ୨୦୧୬ ଭିତରେ ଏଠି ବାର୍ଷିକ କ୍ଷୟ ୨୬୦ ବିଲିୟନ ଟନ୍ (ହାରାହାରି) ଥିଲା ଯାହା ୨୦୧୨ରେ ୪୬୪ ବିଲିୟନ ଟନ୍‌ରେ ପହଚିଂବା ପରେ ୨୦୧୯ରେ ୫୩୨ ବିଲିୟନ ଟନ୍ ଛୁଇଁଛି । ବର୍ଷ ତମାମ ଗ୍ରୀନ୍‌ଲ୍ୟାଣ୍ଡରେ ପ୍ରାକୃତିକ ଭାବରେ ବରଫ ଜମାଟ ବାନ୍ଧିବା ଏବଂ କ୍ଷୟ ହେବା ଭିତରେ ଭାରସାମ୍ୟ ରହିଥାଏ, ଯାହାକୁ 'ସର୍‌ଫେସ୍ ମାସ୍ ବାଲାନ୍ସ' କୁହାଯାଏ । ଏହି ପ୍ରକ୍ରିୟାକୁ ଆପଣ 'ବାଲାନ୍ସ ସିଟ୍' ସହିତ ତୁଳନା କରି ପାରନ୍ତି, ଯାହା ସନ୍ତୁଳିତ ରହିବା କଥା । ଆୟଠାରୁ ବ୍ୟୟ ବେଶୀ ହେବା କଥା ନୁହେଁ । ତେବେ ୨୦୧୯ରେ ଗ୍ରୀନ୍‌ଲ୍ୟାଣ୍ଡର ସର୍‌ଫେସ୍ ମାସ୍ ବାଲାନ୍ସ ବିଗିଡ଼ି ଯାଇଛି ଭୟଙ୍କର ଭାବରେ । ପ୍ରକୃତି ଆଉ ନିର୍ଣ୍ଣାୟକ ଭୂମିକା (ସ୍ଥିତି ସାମାନ୍ୟ କରିବା ପାଇଁ) ନେଇ ପାରିବ ନାହିଁ ବୋଲି ଆପାତତଃ ସ୍ପଷ୍ଟ ହୋଇଛି । ବରଫ ଚଟାଣ ଉପରେ ସୃଷ୍ଟି ହେଉଥିବା ଉଚ୍ଚ ଚାପ ଏବଂ ପ୍ରଖର ସୂର୍ଯ୍ୟ କିରଣ ବରଫ ତରଳିବାକୁ ପ୍ରୋତ୍ସାହିତ କରୁଛି । ୨୦୧୬-୧୭ ଏବଂ ୨୦୧୭-୧୮ରେ ଆସିଥିବା ସାମୟିକ ସୁଧାର ପୁନର୍ବାର ଅବ୍ୟବସ୍ଥିତ ହୋଇଛି । ପୃଥିବୀର ବୃହତମ ଦ୍ୱୀପରେ ଗ୍ରୀଷ୍ମ ଅଧିକ ଶୁଷ୍କ ଏବଂ ଅଧିକ ଦୀର୍ଘ ହେଉଛି । ପରିବେଶବିତ୍‌ମାନଙ୍କର ଧାରଣା ଥିଲା ଯେ ଉଭୟ ଗ୍ରୀନ୍‌ଲ୍ୟାଣ୍ଡ ଓ ଆଟାଂର୍କଟିକାରେ ଜଳବାୟୁ ପରିବର୍ନ୍ତନର ପ୍ରଭାବ କମ୍ ରହିବ । ପ୍ରାକୃତିକ ପ୍ରକ୍ରିୟା ସମୟକ୍ରମେ ସ୍ୱତଃ ଉଭୟ ମେରୁରେ ସ୍ୱାଭାବିକ ସ୍ଥିତି ଉତ୍ପନ୍ନ କରିବ । କୁହାଯାଉଥିଲା, ଦୁଇ ମେରୁରେ ପ୍ରକାଣ୍ଡ ବରଫ ଚଟାଣ ପର୍ଯ୍ୟାବରଣକୁ କେମିତି ପ୍ରଭାବିତ କରିବ, ସେ ସମ୍ପର୍କରେ ଜାଣିବା ପାଇଁ କେତେ ଶତାବ୍ଦୀ ଲାଗିଯିବ । କିନ୍ତୁ ଗତ ଶତାବ୍ଦୀ ଶେଷ ଆଡ଼କୁ ଏମିତି ଧାରଣା ବଦଳି ସାରିଥିଲା । ଜଣା ପଡ଼ିଥିଲା: ବିଶ୍ୱ ଉନ୍ନପ୍ତୀକରଣ ସହିତ ଗ୍ରୀନ୍‌ଲ୍ୟାଣ୍ଡର ଧ୍ୱଂସ ପ୍ରକ୍ରିୟା ବରାବର ସମାନ୍ତରାଳ ହୋଇ ରହିଛି । ଆକଳନ ଅନୁସାରେ, ଯଦିଓ କେଇ ବର୍ଷ ଭିତରେ ଏମିତି ଘଟିବାର ନାହିଁ, ତେବେ କେବଳ ଗ୍ରୀନ୍‌ଲ୍ୟାଣ୍ଡର ବରଫ ଯଦି ସମ୍ପୂର୍ଣ୍ଣ ତରଳି ଯାଏ, ତେବେ ସମୁଦ୍ର ପନ୍ତନ ହାରାହାରି ୨୫ ଫୁଟ ବଢ଼ିଯିବ । ଏହା ଦୂରନ୍ତ ସତ୍ୟ, କିନ୍ତୁ ୨୭,୦୦୦ ମାଇଲ ବ୍ୟାପୀ ଗ୍ରୀନ୍‌ଲ୍ୟାଣ୍ଡର ବିସ୍ତୃତ ଉପକୂଳ (ବରଫ ଆଚ୍ଛାଦିତ) ଅବକ୍ଷୟକୁ ଭେଟିବା ଆରମ୍ଭ ହୋଇ ସାରିଛି । ଉଭୟ ସମୁଦ୍ର ଓ ଭୂପୃଷ୍ଠରେ ରହୁଥିବା ପ୍ରଜାତିମାନଙ୍କ ପାଇଁ ଜୀବନଧାରା କ୍ଷତିଗ୍ରସ୍ତ ହୋଇ ସାରିଛି । ସମୁଦ୍ରର ଉତ୍ତାପ, ଲବଣତ୍ୱ ଏବଂ ସ୍ରୋତ- ସବୁ ଅବ୍ୟବସ୍ଥିତ ହେବା ଆରମ୍ଭ ହୋଇ ସାରିଛି । ଗ୍ରୀନ୍‌ଲ୍ୟାଣ୍ଡର କିଛି ଅ ଁଳରେ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଛି । ଏଣେ ବରଫ କ୍ଷୟ ସହିତ ଉଗ୍ର ହେଉଛି ଜଙ୍ଗଲ ନିଆଁ । ନିୟୁତ ନିୟୁତ ବର୍ଷ ଧରି ରହିଥିବା ପ୍ରଚୀନ ବରଫ (ପର୍ମା ଫ୍ରଷ୍ଟ) ତରଳିବା ଯୋଗୁଁ ହଜାର ହଜାର ଭୂତାଣୁ ସକ୍ରିୟ ହେବାର ସମ୍ଭାବନା ଦେଖା ଦେଇଛି, ଯେଉଁମାନଙ୍କ ବାବଦରେ ବିଜ୍ଞାନ ପାଖରେ ତଥ୍ୟ ନାହିଁ । ଅର୍ଥାତ୍, ଅଜ୍ଞାତ ଭୂତାଣୁ ସଂକ୍ରମଣକୁ ଅଣଦେଖା କରିହେବ ନାହିଁ । ଏଣେ କୁହାଯାଉଛି, ଗ୍ରୀନ୍‌ଲ୍ୟାଣ୍ଡର ବରଫ ଚଟାଣ ୧୫୦୦ ବିଲିୟନ ଟନ୍ ମୃତ ଉଭିଦ ଏବଂ ଜୀବଜନ୍ତୁଙ୍କୁ ଆଚ୍ଛାଦିତ କରିଛି ହଜାର ହଜାର ବର୍ଷ ଧରି । ପର୍ମା ଫ୍ରଷ୍ଟ ତରଳିବା ଆରମ୍ଭ ହୋଇ ସାରି ଥିବାରୁ କିଛି ଅଂଚଳରେ ଏସବୁ ଜୈବିକ ଅଂଶ/ ଉପାଦାନ କ୍ଷୟର ସମ୍ମୁଖୀନ ହେଲେଣି । କେଇ ବର୍ଷ ତଳେ ପର୍ମା ଫ୍ରଷ୍ଟ ତରଳିବାରୁ ଗ୍ରୀନ୍‌ଲ୍ୟାଣ୍ଡର ଏକ ଇଲାକାରେ (ସାଇବେରିଆର ତୁନ୍ଦ୍ରା) ୭୫-୮୦ ବର୍ଷର ବ୍ୟବଧାନ ପରେ ଆନ୍ଥ୍ରାକ୍ସ ସଂକ୍ରମଣ ହୋଇଥିଲା । ଅବଶ୍ୟ ପ୍ରକାଶ ପାଇଲାଣି, ଭବିଷ୍ୟତର ମହାମାରୀ ଗ୍ରୀନ୍‌ଲ୍ୟାଣ୍ଡର ପର୍ମା ଫ୍ରଷ୍ଟ କ୍ଷୟରୁ ହିଁ ଆତ୍ମପ୍ରକାଶ କରିବ ! ସେତିକି ନୁହେଁ, ୨୧୦୦ ସୁଦ୍ଧା ବରଫ କ୍ଷୟ କାରଣରୁ ବାୟୁମଣ୍ଡଳକୁ ନିର୍ଗତ ହେବ ୮୫୦ରୁ ୧୪୦୦ ବିଲିୟନ ଟନ୍ ଅଙ୍ଗାରକାମ୍ଳ । ପାଠକେ, ଜଣା ପଡ଼ିଲାଣି, ଉତର ମେରୁରେ ଜୀବଜନ୍ତୁ ଅପେକ୍ଷାକୃତ ଉଷ୍ମ ବାତାବରଣ ସହିତ ତାଳ ଦେଇ ସେମାନଙ୍କର ବ୍ୟବହାର ବଦଳାଉଛନ୍ତି । ତେବେ ଏମାନଙ୍କ ପ୍ରଜନନ ଚକ୍ର, ସାଂଖ୍ୟ ସାମର୍ଥ୍ୟ ହ୍ରାସ ପାଇ ସାରିଛି । ଏକ ଅଭାବନୀୟ ଭବିଷ୍ୟତ ଆଡ଼କୁ ଆମର ଯାତ୍ରା ପହଚିଂଛି ନିର୍ଣ୍ଣାୟକ ମୋଡ଼ରେ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

Mobile : 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

ସମ୍ବଲପୁର ସମାଚାର

ମୁକ୍ତ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଡାକରା :

କୁଳପତିଙ୍କ ମନମୁଖି କାର୍ଯ୍ୟ ବିରୋଧରେ କର୍ମଚାରୀଙ୍କ ଆନ୍ଦୋଳନ

ସମ୍ବଲପୁର,୪/୧(ନି/ପ୍ର): ଛଟେଇ ପ୍ରତିବାଦରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଡାକରା ଦେଇଥିଲେ । ମନଇଚ୍ଛା କାର୍ଯ୍ୟରୁ ଛଟେଇ କରିବା, ଛୁଟିଦିନ ଅଫିସ ନଆସିଲେ ଦରମା କାଟିବା, କର୍ମଚାରୀଙ୍କୁ ଗାଳିଗୁଲଜ, କର୍ମଚାରୀଙ୍କ ମଧ୍ୟରେ ପକ୍ଷପାତିତା, ଦରମା ସବୁ ମାସରେ ବିଳମ୍ବରେ ଦେବା ଆଦିର ପ୍ରତିବାଦରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଯେଉଁମାନଙ୍କୁ ବାହାର କରାଯାଇଛି, ସମସ୍ତଙ୍କୁ ପୁନଃ ନିଯୁକ୍ତି ଦିଆଯିବା ପାଇଁ ଦାବି କରାଯାଇଛି । ବିଗତ ୩ ବର୍ଷ ମଧ୍ୟରେ ପ୍ରାୟ ବହୁ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ଏ ପର୍ଯ୍ୟନ୍ତ ମଧ ପ୍ରତି ମାସରେ କର୍ମଚାରୀଙ୍କୁ ବହିଷ୍କାର ଚିଠି ରୀତିମତ ଦିଆଯିବା ସହ ଅପଦସ୍ତ କରାଯାଉଛି । ଲିଖିତ ଆକାରରେ ଭୁଲ୍ ମାଗିବା ପାଇଁ ବାଧ କରାଯାଉଛି । ଏପରି ମାନସିକ ଚାପରେ କର୍ମଚାରୀମାନେ କାର୍ଯ୍ୟ କରିଆସୁଥିଲେ ମଧ ବିନା କାରଣରେ କର୍ମଚାରୀମାନଙ୍କୁ ବାରମ୍ବାର ଚାକିରିରୁ ବାହାର କରିଦେବାର ଧମକ୍ ଦିଆଯାଉଛି । କୁଳପତି ନିଜ ବିଶେଷ ବ୍ୟକ୍ତିଙ୍କର ପରିବାର ଲୋକଙ୍କୁ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି । ନିଜର ବିଦ୍ୟାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟରେ ଚାକିରି ଦେବା ସହ ଆହେତୁକ ଅନୁକମ୍ପା ଦେଖାଇ ତାଙ୍କର ଦରମା ବୃଦ୍ଧି କରାଯାଉଛି, ଯାହାକି ଅନ୍ୟ କର୍ମଚାରୀମାନଙ୍କ ସହ ପକ୍ଷପାତିତା ହେଉଥିବା ଆନ୍ଦୋଳନରତ କର୍ମଚାରୀମାନେ କହିଛନ୍ତି । ପରୀକ୍ଷା ତାରିଖ ଧାର୍ଯ୍ୟ କରାନଯାଇ ଫର୍ମପୂରଣର ସୂଚନା ପ୍ରକାଶ କରାଯାଉଛି, ଯାହା ଦ୍ୱାରା ଦୂରଦୁରାନ୍ତର ବିଦ୍ୟାର୍ଥୀ ଏବଂ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଛାତ୍ରଛାତ୍ରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗତ ୧ ଜାନୁଆରି ଦିନ ସ୍ଥାୟୀ କ୍ୟାମ୍ପସରେ ରଖାଯାଇଥିବା ସମ୍ମିଳନୀରେ ସମସ୍ତ କର୍ମଚାରୀଙ୍କୁ ଖୋଲା ଭାବରେ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । କେବଳ ସେତିକି ନୁଏଥି ସହିତ କର୍ମଚାରୀମାନଙ୍କୁ ରାତାରାତି ପୁଲିସ ମାଧ୍ୟମରେ ଉଠେଇ ନେବାକୁ ଧମକ ଦିଆଯାଉଛି, ଯାହାଦ୍ୱାରା କର୍ମଚାରୀଙ୍କ ପରିବାର ଭୟରେ ଦିନ କାଟୁଛନ୍ତି । ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି ।

ଅପରେସନ ନୀଳ ଜହର :

ନଷ୍ଟ ହେଲାଣି ୮୨ କୋଟି ଟଙ୍କାର ବେଆଇନ୍ ଗଞ୍ଜେଇ ଗଛ

ବାଲିଗୁଡ଼ା,୪/୧(ନି/ପ୍ର): କନ୍ଧମାଳରେ ଜାରି ରହିଛି ଅପରେସନ୍ ନୀଳ ଜହର । ନଷ୍ଟ ହେଲାଣି ୮୨ କୋଟି ଟଙ୍କାର ବେଆଇନ୍ ଗଞ୍ଜେଇ ଗଛ । କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଅପରେସନ୍ ଜାରି ରହିଛି । ବାଲିଗୁଡ଼ା ଥାନା ଅଂଚଳରେ ୨୦୨୩ ନଭେମ୍ବର ମାସରୁ ଏହି ଅପରେସନ୍ ଆରମ୍ଭ ହୋଇଥିବା ବେଳେ ଏଯାବତ୍ ବାଲିଗୁଡ଼ା ଥାନା ଅଧିନସ୍ଥ ବିଭିନ୍ନ ଅଂଚଳର ୮୧୯ ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ୍ ଗଞ୍ଜେଇ ଚାଷକୁ ନଷ୍ଟ କରାଗଲାଣି । ବାଲିଗୁଡ଼ା ଏସଡିପିଓ ୟସ୍ ପ୍ରତାପ ଶ୍ରୀମଲ ଓ ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ପୁଲିସ ଅଧିକାରୀଙ୍କ ସମେତ ସଶସ୍ତ୍ର ପୁଲିସ ବାହିନୀ ଏବଂ ଅବକାରୀ ଅଧିକାରୀ ଓ କର୍ମଚାରୀ ଅପରେସନରେ ସାମିଲ୍ ହୋଇ ଅଂଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ୍ ଗଞ୍ଜେଇ ଗଛକୁ କାଟିବା ସହ ସେଥିରେ ନିଆଁ ଲଗାଇ ପୋଡ଼ି ନଷ୍ଟ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ବର୍ତ୍ତମାନ ସୁଦ୍ଧା ନଷ୍ଟ କରାଯାଇଥିବା ଅଂଚଳର ୮୧୯ ଜଙ୍ଗଲ ଜମିରେ ବେଆଇନ୍ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ପାଖାପାଖି ୮୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଏହି ଅପରେସନ୍ ଆଗକୁ ମଧ ଜାରି ରହିବ ଏବଂ ଅଂଚଳକୁ ଗଞ୍ଜେଇ ମୁକ୍ତ କରିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଏହି ପ୍ରୟାସ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

ରେଲୱେ ଠିକାସଂସ୍ଥାର ମନମୁଖୀ କାର୍ଯ୍ୟ

ହରଭଙ୍ଗା,୪/୧(ନି/ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଅର୍ନ୍ତଗତ ବୀରନରସିଂହପୁର ଆରଆଇ ସର୍କଲର ବୀରନରସିଂପୁର, ଗ୍ରାମ୍ୟ ଜଙ୍ଗଲ ସହିତ ବିଭିନ୍ନ ସରକାରୀ ଜମିରୁ ଏଆରଏସଏସ ନାମକ ରେଲୱେ ଠିକାସଂସ୍ଥା ଦିନ ଦ୍ୱିପ୍ରହରରେ ବେନିୟମଭାବେ ମୁରୁମ ଉତ୍ତୋଳନ ଚଳେଇଥିବା ଦେଖିବାକୁ ମିଳିଛି । ଦୀର୍ଘଦିନ ହେଲା ଠିକାସଂସ୍ଥା ଦ୍ୱାରା ବେନିୟମଭାବେ ମୁରୁମ ଉତ୍ତୋଳନ ଯୋଗୁଁ ଗୋଟିଏ ପଟେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ଘଟୁଛି । ଅନ୍ୟପଟେ ଜଙ୍ଗଲ ଧ୍ୱଂସ ପାଉଥିବା ଦେଖିବାକୁ ମିଳିଛି । ଏହା ସହିତ ଠିକାସଂସ୍ଥା କାହା ସାହସରେ ଏଭଳି ବେନିୟମ କାର୍ଯ୍ୟ କରୁଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକାଶ ଯେ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ପାଇଁ ହରଭଙ୍ଗା ତହସିଲର ବୀରନରସିଂହପୁର ଅଂଚଳରେ ଏଆରଏସଏସ ନାମକ ରେଲୱେ ଠିକାସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ଚାଲୁରଖିଛି । ରେଳପଥ ନିର୍ମାଣ କାର୍ଯ୍ୟ ପାଇଁ ଠିକାସଂସ୍ଥା ଆବଶ୍ୟକଥିବା ଶହ ଶହ ଟ୍ରିପ୍ ମୁରୁମ ଏବଂ ମାଟି ବିନା ଅନୁମତିରେ ନିକଟସ୍ଥ ଜଙ୍ଗଲ, ପାହାଡରୁ ଉତୋଳନ କରି ରାଜସ୍ୱ ଫାଙ୍କିବାରେ ସକ୍ଷମ ହୋଇଛି । ଏହାଦ୍ୱାରା ପ୍ରଚୁର ପରିମାଣରେ ରାଜସ୍ୱ କ୍ଷତି ଘଟୁଥିବାବେଳେ ଗଭୀର ମୁରୁମ ଏବଂ ମାଟି ଖନନ ଯୋଗୁଁ ସରକାର ସେସ୍ ରେଂଟ, ଡେଡ୍‌ରେଂଟ ଏବଂ ସରଫେସ୍ ରେଂଟ ବାବଦକୁ ପାଖାପାଖି ୨୩ ପ୍ରତିଶ୍ରତ ରାଜସ୍ୱ କ୍ଷତି ଘଟୁଛି । ଏ ଦିଗରେ ତହସିଲ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ଉଠୁଛି । ଏ ସର୍ମ୍ପକରେ ହରଭଙ୍ଗା ତହସିଲଦାର ଶିବାନୀ ଦାସଙ୍କୁ ପଚାରିବାରୁ ମୁଁ ମୁରୁମ ଖନନ ପାଇଁ କାହାକୁ ଅନୁମତି ଦେଇନାହିଁ ବୋଲି କହିଥିଲେ । ଏ ଦିଗରେ ଆରଆଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ ।

ବସ୍ ଧକ୍କାରେ ଛାତ୍ର ମୃତ : ସମ୍ବଲପୁରରେ ତୀବ୍ର ଉତେଜନା

ସମ୍ବଲପୁର,୪/୧(ନି/ପ୍ର): ସମ୍ବଲପୁର ସହରରେ ଆଜି ସଂଧ୍ୟାରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ସ୍କୁଲ୍ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଛାତ୍ରଜଣକ ସ୍କୁଟିରେ ଯାଉଥିଲା ବେଳେ ଟାଉନ୍ ଥାନା ଅଧୀନ ମୁଦିପଡ଼ା ସ୍ଥିତ ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ସମ୍ମୁଖରେ ବସ୍‌ଟି ତାଙ୍କୁ ଧକ୍କା ଦେଇ କିଛି ଦୂର ଘୋଷଡ଼ି ନେଇଥିଲା । ଏଥିରେ ଘଟଣାସ୍ଥଳରେ ହିଁ ଛାତ୍ରଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଏହି ଘଟଣାକୁ କେନ୍ଦ୍ର କରି ଘଟଣାସ୍ଥଳରେ ତୀବ୍ର ଉନ୍ତେଜନା ପ୍ରକାଶ ପାଇଥିଲା । ଉନ୍ମତ୍ତ ଜନତା ବସ୍‌କୁ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ । ପୁଲିସ ଠିକଣା ସମୟରେ ପହଂଚିଯିବାରୁ ଏହା ବିଫଳ ହୋଇଥିଲା । ପ୍ରବଳ ପଥରମାଡ଼, ପାଟିତୁଣ୍ଡ ମଧ୍ୟରେ ପୁଲିସ କୌଣସିମତେ ଉନ୍ମତ୍ତ ଜନତାଙ୍କ ଘେରରୁ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଉଦ୍ଧାର କରି ସହର ବାହାରକୁ ନେଇଯାଇଥିଲା । କ୍ରମଶଃ ଭିନ୍ନମୋଡ଼ ନେଉଥିବା ଉନ୍ତେଜନା ନିୟନ୍ତ୍ରଣକୁ ଆଣିବା ଲାଗି ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା । ଗଣ୍ଡଗୋଳ ସହ ସଂପୃକ୍ତ କିଛି ଯୁବକଙ୍କୁ ପୁଲିସ ଥାନାକୁ ନେଇ ଅଟକ ରଖିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ସମ୍ବଲପୁର ଗୁରୁଦ୍ୱାର ଛକର ଅରୁଣ ନାୟକଙ୍କ ପୁଅ ଦିଶାନ୍ତ ନାୟକ ଓରଫ ରୋନକ (୧୩) କେନ୍ଦ୍ରୀୟ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପାଠ ପଢୁଥିଲେ । ସେ ଆଜି ସଂଧ୍ୟା ପ୍ରାୟ ସାଢେ ୭ଟା ସମୟରେ ସ୍କୁଟିରେ ମୁଦିପଡ଼ାରୁ କୁଂଜେଲପଡ଼ା ଆଡ଼କୁ ଯାଉଥିଲା ବେଳେ ମୁଦିପଡ଼ା ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ସମ୍ମୁଖରେ ବସ୍‌ଟି ତାଙ୍କୁ ପଛରୁ ଧକ୍କା ଦେଇ ଘେଶଷାଡ଼ି ନେଇଥିଲା । ଏଥିରେ ଘଟଣାସ୍ଥଳରେ ହିଁ ରୋନକଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଖବର ଶୁଣି ସ୍ଥାନୀୟ ଅଂଚଳବାସୀ ଘଟଣାସ୍ଥଳରେ ପହଂଚିବା ପରେ ଉନ୍ତେଜନା ଦେଖାଦେଇଥିଲା । ଘଟଣାସ୍ଥଳରୁ ବସ୍(ଓଡି ୧୧ ବି ୬୬୬୧)ଟି ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ଉନ୍ମତ୍ତ ଲୋକେ କଚେରି ଛକ ନିକଟରେ ଏହାକୁ ଘେରି ଯାଇଥିଲେ । ବସ୍‌କୁ ଭଙ୍ଗାରୁଜା କରିବା ସମୟରେ ପୁଲିସ ପହଂଚି ଅଟକାଇଥିଲା । ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ପୁଲିସ ଲୋକଙ୍କ ଉପରେ ଲାଠିଚାର୍ଜ କରିବା କରିବା ସହ ବସ୍‌କୁ ଜବତ କରିଥିଲା । ଏକାଧିକ ଲୋକ ଏଥିରେ ଆହତ ହୋଇଥିଲେ । ଇତିମଧ୍ୟରେ ବସ୍‌କୁ ପୁଲିସ ଚାଉଁରପୁର ବ୍ରିଜ୍ ଦେଇ ବୁର୍ଲା ଥାନାକୁ ନେଇଯାଇଥିଲା । ପରେ ଡାକ୍ତରଖାନା ପରିସରରେ ମୃତଦେହ ପାଖରେ ଉନ୍ତେଜନା ଦେଖାଦେଇଥିଲା । କିଛି ସମୟ ପରେ ଉନ୍ମତ୍ତ ଲୋକେ ଟାଉନ୍ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପୁଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ । ଅତିରିକ୍ତ ଏସ୍‌ପି ହରେଶ ପାଣ୍ଡେଙ୍କ ସମେତ ସଦର ଏସ୍‌ଡିପିଓ ବୁଝାସୁଝା କରି ନିରାଶ ହୋଇଥିଲେ । ଉନ୍ମତ୍ତ ଲୋକେ ପ୍ରଥମେ ଟାଉନ୍ ଥାନା ସମ୍ମୁଖରେ ରାସ୍ତାରୋକ କରିଥିଲେ । କିଛି ସମୟ ପରେ ଲକ୍ଷ୍ମୀଟକିଜ୍ ଛକକୁ ଘେରି ନେଇଥିଲେ । ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଇଥିଲା । ବସ୍‌ଟି ସନ୍ଧ୍ୟା ସମୟରେ ସହର ଭିତରକୁ ପ୍ରବେଶ କରିବା ଘଟଣା ପ୍ରତିବାଦରେ ଉନ୍ତେଜନା ବଢ଼ିଥିଲା । ଫଳରେ ପୁଲିସ ପୁଣି ମୃଦୁ ଲାଠିଚାଳନା କରିଥିଲା । ଗାଡ଼ି ଚାଳକଙ୍କୁ ଅଟକ ରଖାଯାଇଥିବା ଅତିରିକ୍ତ ଏସ୍‌ପି ଶ୍ରୀ ପାଣ୍ଡେ କହିଛନ୍ତି । ଅନ୍ୟପଟେ ନ୍ୟାୟ ନ ମିଳିଲେ ଆସନ୍ତାକାଲି ସମ୍ବଲପୁର ବନ୍ଦ କରିବୁ ବୋଲି ଉନ୍ମତ୍ତ ଲୋକେ ଚେତାବନୀ ଦେଇଛନ୍ତି ।

ସ୍କୁଲରେ ତାଲା ପକାଇଲା ପୁରାତନ ଛାତ୍ରସଂଘ :

ଗଛ ତଳେ ପାଠ ପଢ଼ିଲେ ଛାତ୍ରଛାତ୍ରୀ

ତୁଷୁରା,୪/୧(ନି/ପ୍ର): ବଲାଙ୍ଗୀର ଜିଲ୍ଲା ଗୁଡ଼ଭେଲା ବ୍ଲକ ଜାମୁଟ ହାଇସ୍କୁଲରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ଦାବିରେ ପୁରାତନ ଛାତ୍ର ସଂଘ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଛି । ଫଳରେ ଛାତ୍ରଛାତ୍ରୀ ସ୍କୁଲକୁ ପ୍ରବେଶ କରିପାରି ନଥିବା ବେଳେ ଗଛତଳେ ପାଠ ପଢ଼ିବା ଦୃଶ୍ୟ ଚର୍ଚ୍ଚାର ବିଷୟ ହୋଇଛି । ପ୍ରକାଶ ଯେ, ସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୧୮୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ହେଲେ ଆବଶ୍ୟକ ଅନୁସାରେ ଶ୍ରେଣୀ କୋଠରି ନଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧା ଭୋଗୁଛନ୍ତି । ତେବେ ୨୦୨୨-୨୩ ଆର୍ଥିକ ବର୍ଷରେ ଶ୍ରେଣୀ କୋଠରି ନିର୍ମାଣ ପାଇଁ ୯.୫ ଲକ୍ଷ ମଞ୍ଜୁର ହୋଇଥିବା ବେଳେ ମାର୍ଚ୍ଚ ୨୦୨୩ରେ କାମ ଆରମ୍ଭ ହୋଇଥିଲା । କାମ ସଂପୂର୍ଣ୍ଣ ନେଇ ପୁରାତନ ଛାତ୍ର ସଂଘ ବହୁବାର ବ୍ଲକ ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଫଳରେ ଗତ ୨୧ ଡିସେମ୍ବରରେ ୩୧ ତାରିଖ ସୁଦ୍ଧା କାମ ଆରମ୍ଭ ନକଲେ ଜାନୁଆରି ୩ ତାରିଖରେ ସ୍କୁଲ ଫାଟକରେ ତାଲା ଦେଇ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା । ସେହିକ୍ରମରେ ସ୍କୁଲ ଫାଟକରେ ତାଲା ପକାଇ ସଂଘ ସଦସ୍ୟମାନେ ଧାରଣା ଦେଇଥିଲେ । ଏବିଇଓ ରମେଶ ସମାର୍ଥ ଓ ସିଆରସିସି ସମୀର ପଧାନ ସ୍କୁଲକୁ ଆସି ସଦସ୍ୟଙ୍କୁ ବୁଝାସୁଝା କରିଥିଲେ ମଧ କିଛି ଶୁଣିନଥିଲେ । ପରେ ସ୍କୁଲ ଗେଟ୍‌ରେ ତାଲା ପଡ଼ିଥିବାରୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷକମାନେ ଗଛ ତଳେ ପାଠ ପଢ଼ାଇଥିଲେ । ପରେ ବିଇଓ ରଷିଆ ମେହେର ଓ ସହକାରୀ ଯନ୍ତ୍ରୀ ଅମିତ ମୁର୍ମୁ ଆସି ଆସନ୍ତାକାଲିଠାରୁ କାମ ଆରମ୍ଭ କରି ୨ ମାସ ମଧ୍ୟରେ ଶେଷ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ସଦସ୍ୟମାନେ ଧାରଣାରୁ ଓହରିଥିଲେ । ଏହି ଦାବି ସମାବେଶରେ ପୁରାତନ ଛାତ୍ର ସଂଘ ସଭାପତି ହେମନ୍ତ ମହାକୁର, ସମ୍ପାଦକ ମହେନ୍ଦ୍ର ନନ୍ଦ, ସମ୍ପିତ ଭୋଇ, ଓ୍ୱାରଫ ଖାଁ, କୁବେର ବେହେରା, ଅମିତ ଖାଁ, ଇରିସାତ ଖାଁ, ଆଶିଷ ବେହେରା, ପିଂଟୁ ବେହେରା, ନଜିବୁଲ୍ଲା ଖାଁ, ଦୁର୍ଯ୍ୟୋଧନ ମୁଦୁଲି, ରିକେଶ ମୁଦୁଲି, ସିଦ୍ଧାନ୍ତ ଘିଭେଲା, ରିପୁନ ମହାକୁର, ନୂଆଖାଇ ରଣା, କୁନା ମାଝୀ, କାହ୍ନୁ ମାଝୀ, ଜତନ ରଣା, ଗୌତମ ବେହେରା, ସୁଚିବନ୍ତ ମୁଦୁଲି ପ୍ରମୁଖ ସାମିଲ ଥିଲେ ।

ମାଲକାନଗିରିରେ ନୂଆ-ଓ କାର୍ଯ୍ୟକ୍ରମ

ମାଲକାନଗିର,୪/୧(ନି/ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ନୂଆ-ଓ କାର୍ଯ୍ୟକ୍ରମ ହେଉଛି ପ୍ରକୃତ ମଂଚ । ଏହା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପରିକଳ୍ପନା ଯେଉଁଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇ ପରିପ୍ରକାଶ ହୋଇପାରିବ । ସଂସ୍କୃତି, କ୍ରୀଡା ଓ ସମାଜସେବା ମାଧ୍ୟମରେ ଯୁବଶକ୍ତି ନୂଆ ଓଡ଼ିଶା, ବିକଶିତ ଓଡ଼ିଶା ଓ ସମ୍ପୂର୍ଣ୍ଣ ଓଡ଼ିଶା ଗଠନ ହେବ । ଏହା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ସଫଳତା ପାଇବା ପାଇଁ କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଶକ୍ତିର ଆବଶ୍ୟକ ରହିଥିବା ନେଇ ଯୁବ ସେବା ଓ କ୍ରୀଡା, ଆଇଟି ଓ ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି । ଯୁବଶକ୍ତି ହେଉଛନ୍ତି ନୂଆ ଓଡ଼ିଶାର ବିଶ୍ୱକର୍ମା । ଏହି ଅବସରରେ ମୁଖ୍ୟମନ୍ତ୍ରୀ, ୫ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପଣ୍ଡିଆନଙ୍କ ଭିଡିଓ ବାର୍ତ୍ତାକୁ ପ୍ରଦର୍ଶନ କରଯାଇଥିଲା ।

ଜିଲ୍ଲା ବିଜେପି ପକ୍ଷରୁ କଲମପୁରରେ ବନ୍ଦ ପାଳନ

କଲମପୁର,୪/୧(ନି/ପ୍ର): ଉଭୟ ଧାନ ଏବଂ କପା ମଣ୍ଡିରେ କଟନି ଛଟନିର ଶିକାର ହୋଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି ଚାଷୀ । ଅନେକ ସମୟରେ କ୍ଷତିଗ୍ରସ୍ତ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । ରାଜ୍ୟ ସରକାର ମିଲର୍ସଙ୍କ କବଜାରେ । ସମବାୟ ସମିତି ବଦଳରେ ସିଧା ସଳଖ ମିଲର୍ସଙ୍କ ମାଧ୍ୟମରେ ଧାନ ଖରିଦ କରାଯାଉଛି । ଖୋଦ୍ ରାଜ୍ୟ ସରକାରଙ୍କ ପ୍ରଶାସନ ଏବଂ ଲୋକ ପ୍ରତିନିଧି ଏନେଇ ସମ୍ପୂର୍ଣ୍ଣ ନିରବ । ଚାଷୀଙ୍କ ପ୍ରତିବାଦକୁ କେହି ଗୁରୁତ୍ୱ ଦେଉନଥିବାରୁ ଅସହାୟ ହେଉଛନ୍ତି ଚାଷୀ । ସେହିଭଳି କପା ମଣ୍ଡିରେ ମଧ ଚାଷୀଙ୍କ ଅନୁରୂପ ଅବସ୍ଥା । ଏହାସହ ଦିନକୁ ଦିନ ମଦ ଦୋକାନର ବୃଦ୍ଧି ସାଧାରଣ ଜନ ଜୀବନକୁ ପ୍ରଭାବିତ କରୁଛି । ତେଣୁ କଳାହାଣ୍ଡି ବିଜେପି ପକ୍ଷରୁ ଏହାର ପ୍ରତିବାଦରେ ଶାନ୍ତି ଶୃଙ୍ଖଳାର ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଆନ୍ଦୋଳନ ଜାରି ରହିଥିବା ବେଳେ ଗୁରୁବାର ସମଗ୍ର କଳାହାଣ୍ଡିରେ ବନ୍ଦ ଡାକରା ଦିଆଯାଇଥିଲା । ଜିଲ୍ଲା ବିଜେପିର ଏହି ବନ୍ଦ ଡାକରାକୁ କଲମପୁର ବିଜେପି ପକ୍ଷରୁ ସମର୍ଥନ କରାଯାଇଛି । ସକାଳଠାରୁ କଲମପୁର ମଣ୍ଡଳ ସଭାପତି କମଳ ବାଗ, ବରିଷ୍ଠ ନେତା ବିଜୟ କୁମାର ପଣ୍ଡା, ଖିରୋଦ ଚନ୍ଦ୍ର ନାଏକ, ଯୁବ ନେତା ହରେକୃଷ୍ଣ ସାହୁ, ସୁଜିତ କୁମାର ଦଣ୍ଡସେନା, କୃଷ୍ଣ ଚନ୍ଦ୍ର ବାଗ, ସୁଧିର ରଞ୍ଜନ ବାଗ ପ୍ରମୁଖ କର୍ମୀମାନେ ପର୍ଯ୍ୟବେକ୍ଷକ ଅମ୍ଭୋଜ କୁମାର ପଣ୍ଡାଙ୍କ ଉପସ୍ଥିତିରେ ସକାଳୁ କଲମପୁର ନିର୍ମାଲ୍ୟ କ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଉପସ୍ଥିତ ରହି ରାସ୍ତା ଅବରୋଧ କରିଛନ୍ତି । ଯେଉଁଥିପାଇଁ ଯାନ ବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏହାସହ ସମସ୍ତ ଦୋକାନ ବଜାର ସମେତ ଗୁରୁବାର ବଜାର ବନ୍ଦ ରହିଛି । ତହସିଲ, ବ୍ଲକ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ସରକାରୀ, ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଛନ୍ତି ଆନନ୍ଦୋଳନକାରୀ । ଏହାସହ ସମସ୍ତ ବିଦ୍ୟାଳୟ, ମବହାବିଦ୍ୟାଳୟରେ ମଧ ପାଠପଢ଼ା ମଧ ବନ୍ଦ ରହିଛି । ସ୍ଥାନୀୟ ପୁଲିସ ଥାନା ପକ୍ଷରୁ ଏଏସଆଇ ଶେଖର ଜେନାଙ୍କ ନେତୃତ୍ୱରେ ସୁରକ୍ଷା ବଳ ନିୟୋଜିତ ହୋଇ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିଛନ୍ତି । ସେହିଭଳି ବିଜମରା ଏବଂ ବଡକୁଟ୍ଟ ଛକରେ ମଧ ଯାନବାହାନ ସବୁକୁ ଅଟକାଇ ବନ୍ଦ ପାଳନ କରାଯାଉଛି ।

ପୁଣି ଆଉ ଏକ ପିକ୍‌ନିକ୍ ବସ୍ ଦୁର୍ଘଟଣାଗ୍ରସ୍ତ, ୫ ଗୁରୁତର

କାମାକ୍ଷାନଗର,୪/୧(ନି/ପ୍ର) : ପୁଣି ଆଉ ଏକ ପିକ୍‌ନିକ୍ ବସ୍ ଦୁର୍ଘଟଣାଗ୍ରସ୍ତ । ଗୁରୁବାର ସକାଳେ ମହାବୀରରୋଡ ଥାନା ଭେଜିଆ ଛକରେ ସଡକ ଦୁର୍ଘଟଣା ଘଟିଛି । ପିକ୍‌ନିକ୍ ବସର ସିରିଜ ଦୁର୍ଘଟଣାରେ ୫ ଜଣ ଗୁରୁତର ହେବା ସହ ୪୦ ଜଣ ଆହତ ହୋଇଛନ୍ତି । ହାଇୱାକୁ ବସ୍‌ଧକ୍କା ଦେବା ପରେ ପିକ୍‌ନିକ୍ ବସ୍‌କୁ ଆଉ ଏକ ଟ୍ରକ ଧକ୍କା ଦେଇଛି ।ଉଭୟ ଗାଡିର ଚାଳକ ସହ ବସ୍‌ରେ ଥିବା ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ସମ୍ବଲପୁରରୁ ପିକ୍‌ନିକ୍ ସାରି ବଡଚଣା ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଛି । କାମାକ୍ଷାନଗର ଉପଖଣ୍ଡର ମହାବୀରରୋଡ଼ ଥାନା ଅନ୍ତର୍ଗତ ଭେଜିଆଠାରେ ଜାତୀୟ ରାଜପଥରେ ଗୁରୁବାର ପୂର୍ବାହ୍ନରେ ଏକ ହାଇୱା ସହିତ ବସ ଧକ୍କା ହୋଇଥିବା ବେଳେ ବସକୁ ଏକ ଦଶ ଚକିଆ ଟ୍ରକ ଧକ୍କା ଦେଇଥିଲା । ଫଳରେ ୪୦ ଜଣ ଆହତ ହୋଇ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାର ଜଣାଯାଇଛି । ସୂଚନା ମୁତାବକ ବଡ଼ଚଣାରୁ ଏକ ପିକନିକ ବସ ସମ୍ବଲପୁର ଯାଇ ସକାଳେ ଫେରୁଥିଲା । ଫେରିବା ସମୟରେ ଭେଜିଆଠାରେ ଏକ ଟ୍ରକକୁ ଓଭର ଟେକ କରୁଥିବା ବେଳେ କୁହୁଡି କାରଣରୁ ସମ୍ମୁଖରୁ ଆସୁଥିବା ଏକ ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବସରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଚାଳିଶ ଜଣ ଆହତ ହୋଇ ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତନ୍ମଧ୍ୟରୁ ୫ ଜଣ ଗୁରୁତର ଥିବା ବେଳେ ଅନ୍ୟମାନଙ୍କ ଅବସ୍ଥା ସ୍ଥିର ରହିଥିବାର ଜଣାଯାଇଛି ।

ଚିକିତ୍ସା ଅବହେଳାରୁ ଚାଲିଗଲା ଅଟୋ ଚାଳକଙ୍କ ଜୀବନ

ଝାରସୁଗୁଡ଼ା,୪/୧(ନି/ପ୍ର): ପୁଣିଥରେ ଚିକିତ୍ସା ଅବହେଳାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆହତଙ୍କ ମୃତ୍ୟୁ ଅଭିଯୋଗ ହୋଇଛି । ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉନ୍ତେଜନା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଆଜି ସକାଳ ୬ଟାରେ ଏୟାରପୋର୍ଟ ଥାନା ଅନ୍ତର୍ଗତ ତାଳପଟିଆ ଛକ ନିକଟରେ ବ୍ରେକ୍ ଡାଉନ୍ ହୋଇଥିବା ଟ୍ରକର ପଛରେ ଏକ ଅଟୋ ଧକ୍କା ହୋଇ ଯାଇଥିଲା । ଏହି ଘଟଣାରେ ଅଟୋ ଚାଳକ ସ୍ଥାନୀୟ କବରସ୍ଥାନ ପଡ଼ାର ଗୋବିନ୍ଦ ସାହୁ(୩୭) ଗୁରୁତର ଆହତ ହୋଇଥିଲେ । ପୁଲିସ୍ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଗୋବିନ୍ଦଙ୍କୁ ହସ୍ପିଟାଲରେ କେବଳ ପଟି ବାନ୍ଧି ଦିଆ ଯାଇଥିବା ବେଳେ ଅକ୍ସିଜେନର ଆବଶ୍ୟକତା ଥାଇ ମଧ ତାହା ଦିଆ ଯାଇନଥିଲା । କେବଳ ସେତିକି ନୁହେଁ ବରଂ ଗୋବିନ୍ଦଙ୍କ ଚିକିତ୍ସା ପାଇଁ କେହି ଡାକ୍ତର ଓ ନର୍ସ ବି ଆସିନଥିଲେ । ଫଳରେ ଶଯ୍ୟାରେ ଛଟପଟ ହୋଇ ସକାଳ ୯ଟାରେ ଗୋବିନ୍ଦଙ୍କର ମୃତ୍ୟୁ ହୋଇଥିଲା ।

୫୫୦ କୋଟିର ପ୍ରକଳ୍ପ ଘୋଷଣା

କିରେଇ, ବାଲିଶଙ୍କରାରେ ବିଶାଳ ସମାବେଶରେ ୫ଟି ସଚିବ

ସୁନ୍ଦରଗଡ, ୪/୧ (ନି/ପ୍ର): ସୁନ୍ଦରଗଡ ବାସୀ ହକିକୁ ଭଲପାଆନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ହକିକୁ ବହୁତ ଭଲ ପାଆନ୍ତି। ଏବେ ଏହି ଭଲପାଇବା ଆହୁରି ମଜବୁତ ହୋଇଛି। କାରଣ, କୋଟିଏ କି ଦୁଇକୋଟି ନୁହେଁ, ବିବିଧ ଯୋଜନା ଓ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାକୁ ୫୫୦ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ କରିଛନ୍ତି। ସେଥିମଧ୍ୟରୁ ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ପାଇଁ ୩୫୦ କୋଟି ଓ ତଳସରା ବିଧାନସଭା କ୍ଷେତ୍ର ପାଇଁ ୨ଶହ କୋଟି ଟଙ୍କା ଦିଆଯାଇଛି। ଦୁଇଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି କିରେଇ ଓ ବାଲିଶଙ୍କରାଠାରେ ଆୟୋଜିତ ସଭାରେ ଏମିତି କହିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।ଶ୍ରୀ ପାଣ୍ଡିଆନ କହିଥିଲେ, ୨୦୧୯ ହକି ବିଶ୍ୱକପ ଆୟୋଜନ ପାଇଁ ଯେତେବେଳେ ଓଡିଶାକୁ ଚୟନ କରାଯାଇଥିଲା, ସେ ସମୟରେ ମୁଖ୍ୟମନ୍ତ୍ରୀ ଉଭୟ ଭୁବନେଶ୍ୱର ଓ ସୁନ୍ଦରଗଡରେ ବିଶ୍ୱକପର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ସେ ସମୟରେ ହକି ବିଶ୍ୱକପ ଆୟୋଜନ ପାଇଁ ସୁନ୍ଦରଗଡରେ ଆବଶ୍ୟକ ଭିତ୍ତିଭୂମି ନଥିଲା। ବିମାନବନ୍ଦର ନଥିଲା କି ଭଲ ହୋଟେଲ ବି ନଥିଲା। ମାତ୍ର ଚାରି ବର୍ଷ ମଧ୍ୟରେ ଏତେବଡ ଭିତ୍ତିଭୂମି ବିକାଶ କରାଯାଇପାରିବ କି ନାହିଁ ସେ ନେଇ ଏଫଆଇଏଚ୍ ସନ୍ଦେହ ପ୍ରକାଶ କରିଥିଲା। କିନ୍ତୁ ସୁନ୍ଦରଗଡ ହକିର ଏତୁଡିଶାଳ ହୋଇଥିବାରୁ ସେଠାରେ ବିଶ୍ୱକପର ଆୟୋଜନ ସୁନ୍ଦରଗଡ ପାଇଁ ଥିଲା ସମ୍ମାନର କଥା। ତା'ଭିତରେ ପୁଣି କୋଭିଡ ପାଇଁ କାମ ବନ୍ଦ ହେଲା। ମାତ୍ର ୧୫ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅକ୍ଲାନ୍ତ ଉଦ୍ୟମ ଓ ସୁନ୍ଦରଗଡବାସୀଙ୍କ ସହଯୋଗରୁ ତିଆରି ହେଲେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ। ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତିଙ୍କ ଜନନାୟକ ବିର୍ଶାମୁଣ୍ଡାଙ୍କ ନାଁରେ ଏହି ଷ୍ଟାଡିଅମର ନାଁ ରଖାଗଲା। ରାଉରକେଲାରେ କାର୍ଯ୍ୟକ୍ଷମ ହେଲା ବିମାନବନ୍ଦର। ପ୍ରତି ବ୍ଲକରେ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି ବୋଲି ଏହି ଅବସରରେ ସୂଚନା ଦେଇଥିଲେ ଶ୍ରୀ ପାଣ୍ଡିଆନ।ଶ୍ରୀ ପାଣ୍ଡିଆନ କହିଥିଲେ, 'ଗତବର୍ଷ ମାର୍ଚ୍ଚ ୧୨ରେ ସୁନ୍ଦରଗଡ଼ ଆସିଥିବାବେଳେ ୧୬୦ଟି ସମସ୍ୟା ଓ ଅଭିଯୋଗପତ୍ର ପାଇଥିଲେ। ସେଥିରୁ ୧୪୦ଟିର ସମାଧାନ ହୋଇଯାଇଛି। ହେମଗିରି ହାଇସ୍କୁଲରେ ଚଳିତ ବର୍ଷଠାରୁ ଯୁକ୍ତ ୨ ବାଣିଜ୍ୟ ଓ ବିଜ୍ଞାନ ପାଠ୍ୟକ୍ରମ ଖୋଲିବ। ଇବ ନଦୀ ଭଷ୍ଟାଠାରେ ୨୬୦ କୋଟିର ବ୍ୟାରେଜ, ଅଘରିଆ ଭବନକୁ ୧ କୋଟି, ସମଲେଶ୍ୱରୀ ମନ୍ଦିରର ଉନ୍ନତି ପାଇଁ ୧.୪୦ କୋଟି, କିରେଇ ନଗରବନକୁ ୩ କୋଟି, ହେମଗିରି ଭେଷଜ ପଟେଲ ମହାବିଦ୍ୟାଳୟ ରୂପାନ୍ତର ପାଇଁ ମଧ୍ୟ ଅର୍ଥ ମଞ୍ଜୁର କରାଯାଇଛି। ଆଜି ମଧ୍ୟ ବହୁ ସଂଖ୍ୟାରେ ଦରଖାସ୍ତ ଆସିଛି। ବିଶେଷ କରି ମନ୍ଦିର, ମସଜିଦ୍ ?, ଚର୍ଚ୍ଚ, ଗୋଷ୍ଠୀ କେନ୍ଦ୍ର ଉନ୍ନତୀକରଣ ପାଇଁ ଆସିଥିବା ପ୍ରସ୍ତାବର ଭଲ ଖବର ମୁଖ୍ୟମନ୍ତ୍ରୀ ୧୦ ଦିନରେ ଦେବେ ଓ ଅନ୍ୟ ଦରଖାସ୍ତଗୁଡ଼ିକ ସମ୍ପର୍କରେ ମାସେ ମଧ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ନିଶ୍ଚୟ ଉତ୍ତର ମିଳିଯିବ। ୨ ମାସ ମଧ୍ୟରେ ଜିଲ୍ଲାର ପ୍ରତି ପଚାଂୟତରେ ବ୍ୟାଙ୍କ ବ୍ୟବସ୍ଥା ହେବ। ଫେବ୍ରୁଆରିରୁ ସୁନ୍ଦରଗଡ଼ରେ ଲକ୍ଷ୍ମୀ ବସ ଗଡ଼ିବ। ଆସନ୍ତାକାଲି ଅର୍ଥାତ୍ ୪ ତାରିଖ ସକାଳେ ଶ୍ରୀ ପାଣ୍ଡିଆନ ସୁନ୍ଦରଗଡ଼ ସମଲେଶ୍ୱରୀଙ୍କ ଦର୍ଶନ ସାରି ରାଜଗାଙ୍ଗପୁର, ନୂଆଗାଁ, ବଣାଇ ଯିବାର କାର୍ଯ୍ୟକ୍ରମ ରହିଛି। ସମାବେଶରେ ପୂର୍ବତନ ବିଧାୟକ ତଥା ଆମ ଓଡ଼ିଶା, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଯୋଗେଶ ସିଂ, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ଛାତ୍ରନେତା ସହବାଜ ହୁସେନ, ଜୟନାରାୟଣ ତ୍ରିପାଠୀ, ବେଣୁଧର ତାଣ୍ଡିଆ, ସୁନୀଲ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ROAD SAFETY WEEK
REGIONAL TRANSPORT

ରାଉରକେଲା, ୪/୧ (ନି/ପ୍ର): ରାଉରକେଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ଓ ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ଶାରଳା ପରିବାର ର ମିଳିତ ଆନୁକୂଲ୍ୟରେ ଆମ୍ବାଗାନ ଛକ ଠାରେ ସଡ଼କ ସୁରକ୍ଷା ଶିବିର ଆୟୋଜିତ ହୋଇଯାଇଛି। ପରିବହନ ବିଭାଗର ଅଧିକାରୀ ମାନସ ରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତା ଓ ଶାରଳା ପରିବାର ର ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ଙ୍କ ଆବାହକତ୍ୱ ତଥା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରଏସପି ସହର ସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ ଶାରଳା ପରିବାର ର ସଭାପତି ପ୍ରଭାକିଶୋର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷର ଥିମ୍ ସଡକ ସୁରକ୍ଷା ପରିବାରର ରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ପ୍ଲାଂଟ ଭିତରର ନିୟମ, ସଡକର ନିୟମ ସହ ସଡକ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ସ୍ୱାଇଁ ଶାରଳା ପରିବାର ର କାର୍ଯ୍ୟକ୍ରମର ପୃଷ୍ଠଭୂମି ସହ ସଡକ ନିୟମାବଳୀ କୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷତା କରୁଥିବା ଶ୍ରୀ ପୃଷ୍ଟି ତାଙ୍କ ବକ୍ତବ୍ୟରେ କହିଲେ ଯେ ଜାନୁଆରୀ ମାସର ୧ ରୁ ୭ ତାରିଖ ସଡକ ସୁରକ୍ଷା ସପ୍ତାହ ଭାବେ ପାଳନ କରାଯାଉଛି। ତେଣୁ ସୁରକ୍ଷା ଉପକରଣ ଯଥା ହେଲମେଟ ପରିଧାନ, ସିଟ ବେଲ୍ଟ ବାନ୍ଧିବା, ମଦ୍ୟପାନ କରି ଦୃତ ଗତିରେ ଗାଡି ନଚଳାଇବା, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସାହାଯ୍ୟ କରି ସରକାରଙ୍କ ତରଫରୁ ପୁରସ୍କୃତ ହେବା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଶ୍ରୀ ସେଠୀ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏକ ମଟରସାଇକେଲ ସଚେତନତା ରାଲି ଆମ୍ବାଗାନ ଛକରୁ ବାହାରି ବିଶ୍ରା ଛକ, ପାନ୍ଥନିବାସ ଦେଇ ପୁଣି ଆମ୍ବାଗାନ ଛକକୁ ଫେରିଥିଲା। ଏହି ରାଲିକୁ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥି ଗଣ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ରେ ସର୍ବଶ୍ରୀ କୈଳାସ ନାୟକ, ମଳୟ ନାୟକ, ସଂଘମିତ୍ରା ସୂତାର, କବିନ୍ଦ୍ର ସ୍ୱାଇଁ, ଭବାନୀ ପ୍ରସାଦ ଦାସ୍, ରାଧାଶ୍ୟାମ ନାୟକ, ବାଇଧର ପ୍ରଧାନ, କ୍ଷୀରୋଦ ଚନ୍ଦ୍ର ବାରିକ, ନରେନ୍ଦ୍ର ବେହେରା, କିଶୋର ନାୟକ, ରାଜେଶ୍ୱର ନାୟକ, ପ୍ରଫୁଲ୍ଲ ଭୋଇ, ପ୍ରଫୁଲ୍ଲ ପତି ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ମ୍ୟୁନିସପାଲ ମହାବିଦ୍ୟାଳୟରେ ଶୀତକାଳୀନ ଶିବିର

ରାଉରକେଲା,୪/୧ (ନି/ପ୍ର): ମ୍ୟୁନିସପାଲ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧୀନରେ ଶୀତକାଳୀନ ଶିବିର କାର୍ଯ୍ୟକ୍ରମ ଛେଣ୍ଡ ସ୍ଥିତ ବାସନ୍ତୀ ବସ୍ତିରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମ୍ୟୁନିସପାଲ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ପ୍ରକାଶ କୁମାର କର, ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର ମିଶ୍ର ଓ ପ୍ରଫେସର ପରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପାନପୋଷ ବନଖଣ୍ଡ ଅଧିକାରୀ ଜ୍ଞାନେନ୍ଦ୍ର ହିମା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ କର୍ତବ୍ୟବୋଧତା ଓ ବିନା ମୂଲ୍ୟରେ ସେବା ପ୍ରଦାନ କିପରି ପାଠ ପଢା ସହ କରାଯାଇପାରିବ ସେ ବିଷୟରେ ଆହ୍ୱାନ ଦେଇଥିଲେ। ଏହା ସହ ସାମାଜିକ ସେବା କିପରି ଏକ ଛାତ୍ର ଜୀବନର ସୁଯୋଗ ଓ ସ୍ମରଣୀୟ ବୋଲି ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡକ୍ଟର କର ଏହି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଆବାହକ ଡକ୍ଟର ଦୀପ୍ତିରଞ୍ଜନ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ପଦାଧିକାରୀ ଡକ୍ଟର ଦିବ୍ୟକାନ୍ତ ବିଲୁଙ୍ଗ୍ ଶୀତକାଳୀନ ଶିବିରର କାର୍ଯ୍ୟ ଯୋଜନା ବିଷୟରେ ବିସ୍ତୃତ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ, ସଫେଇ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର, ନିଶା ନିବାରଣ ରାଲି, ସ୍ୱଚ୍ଛତା ସଚେତନ ରାଲି ଆଦି କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଛି। ଶେଷରେ ଜାତୀୟ ସେବା ଯୋଜନାର ଅଧିକାରୀ ଆକାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ସୁମନ ପାଣିଗ୍ରାହୀ, ପ୍ରହଲ୍ଲାଦ ଅଗ୍ରୱାଲ, ଓମ୍ ବାହାଦୁର, ଶ୍ରୀମତୀ ନିତୁ ସେଠ୍, ସଂଯୁକ୍ତା ବେହେରା, ଦୀପ୍ତି ସୋରେନ, ବୈଦେହୀ ମାଝି, ଅଜୟ କୁମାର ମହାନ୍ତି, ପ୍ରମୋଦ ରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ବଣାଇଗଡ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାଇଲିସିସ୍ ସୁବିଧା

ସୁନ୍ଦରଗଡ,୪/୧ (ନି/ପ୍ର):ସୁନ୍ଦରଗଡ ଜିଲ୍ଲାର ବଣାଇ ଉପଖଣ୍ଡ ଡାକ୍ତରଖାନାରେ ହେମୋଡାଇଲିସିସ୍ ସୁବିଧା ଖୁବ୍ ଶୀଘ୍ର ମିଳିବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ଏବଂ ଆଗାମୀ କିଛି ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବାର ଯୋଜନା ରହିଛି। ବୃକକ୍ ଜନିତ ସମସ୍ୟା ଦେଇ ଗତିକରୁଥିବା ରୋଗୀମାନେ ଏହା ଦ୍ୱାରା ବିଶେଷଭାବରେ ଉପକୃତ ହେଇପାରି ଗତ ମାର୍ଚ୍ଚ ୨୦୨୩ରେ ତତ୍କାଳୀନ ୫ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ସୁନ୍ଦରଗଡ ପରିଦର୍ଶନ ସମୟରେ ଏନେଇ ସ୍ଥାନୀୟ ଅଧିବାସୀମାନଙ୍କ ତରଫରୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତର ସହ ନେଇ ବଣାଇଠାରେ ଏକ ଡାଇଲିସିସ୍ ୟୁନିଟ୍ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ବଣାଇଗଡ ବ୍ଲକ୍ ସହ ଗୁରୁଣ୍ଡିଆ, ଲହୁଣୀପଡା, କୋଇଡା ବ୍ଲକର ଲକ୍ଷାଧିକ ଲୋକ ଉପକୃତ ହୋଇପାରିବେ। ପୂର୍ବରୁ ଡାଇଲିସିସ୍ ସୁବିଧା ଆବଶ୍ୟକ କରୁଥିବା ବୃକକ୍ ରୋଗୀମାନେ ରାଉରକେଲା ଏବଂ ସୁନ୍ଦରଗଡ ଉପରେ ନିର୍ଭରଶୀଳ ଥିଲେ । ସପ୍ତାହକୁ ଦୁଇରୁ ତିନିଥର ଡାଇଲିସିସ୍ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କ ପାଇଁ ଏହି ସେବା ନିୟମିତ ହାସଲ କରିବା କଷ୍ଟକର ହୋଇଯାଉଥିଲା । ବୃକକ୍ ଜନିତ ସମସ୍ୟା ଦେଇ ଗତି କରୁଥିବା ରୋଗୀମାନେ ଦୀର୍ଘ ସମୟ ଯାତ୍ରା କରିବା ଏବଂ ଏ ନେଇ ଅର୍ଥ ଖର୍ଚ୍ଚ କରିବା ଏକ ଦୁରୂହ ବ୍ୟାପାର ଥିଲା । ଏହାଦ୍ୱାରା ସେମାନଙ୍କ ଉପରେ ଅର୍ଥଗତ ଏବଂ ସ୍ୱାସ୍ଥ୍ୟଗତ ଚାପ ପଡୁଥିଲା । ଏହା ଫଳରେ ଅନେକ ଲୋକ ଅନ୍ୟୋନପାୟ ହୋଇ ଚିକିତ୍ସା ବନ୍ଦ କରିବା ପାଇଁ ଚିନ୍ତା କରୁଥିଲେ । ଏବେ ବଣାଇ

୫ ଟି ଅଧ୍ୟକ୍ଷଙ୍କ ସହ ରାଉରକେଲା ବିକାଶ ମଟଂର ଆଲୋଚନା

ରାଉରକେଲା, ୪/୧ (ନି/ପ୍ର): ଗତ ତିନି ତାରିଖ ଦିନ ୫ ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ ସମୟରେ ରାଉରକେଲା ବିକାଶ ମଟଂର ଆବାହକ ଡ଼କ୍ଟର ସୁମନ ଦନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା କଲେକ୍ଟରିଏଟ ଠାରେ ଭେଟି ରାଉରକେଲାର ଉନ୍ନତି ପାଇଁ ବିସ୍ତୃତ ଆଲୋଚନା କରିଥିଲେ କ୍ଷ ଆଲୋଚନା ବେଳେ ରାଉରକେଲା ବିମାନ ବନ୍ଦରରେ ବିଗତ କିଛି ଦିନ ଧରି ବିମାନ ଚଳାଚଳରେ ଦେଖାଦେଉଥିବା ଅନିମିୟତାରେ ସୁଧାର ଆଣିବା,୪ସି ଲାଇସେନ୍ସ ପ୍ରଦାନ ସହ, ଆଇଏଲଏସ ସ୍ଥାପନ,ଦେଶର ଅନ୍ୟ ସ୍ଥାନକୁ ନିୟମିତ ବିମାନ ଉଡାଣ ଆରମ୍ଭ କରିବାକୁ ଦାବି ଉପସ୍ଥାପନ କରିଥିଲେ । ଯଦି ବେସାମାରିକ ବିମାନ ଚଳାଚଳ ବିଭାଗ ଆଇଏଲଏସ ସ୍ଥାପନ ନ କରେ ତେବେ ଯାତ୍ରୀ ମାନଙ୍କର ସୁବିଧାକୁ ଲକ୍ଷ୍ୟ ରଖି ଅମୃତ ଯୋଜନା କିମ୍ବା ସ୍ମାର୍ଟସିଟି ଫଣ୍ଡ କିମ୍ବା ଡ଼ିଏମଏଫ ଫଣ୍ଡକୁ ଉପଯୋଗ କରି ଆଇଏଲଏସ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ କ୍ଷ ବନ୍ଧମୁଣ୍ଡା ଠାରେ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ଏକ ନୂଆ ରେଳ ଡିଭିଜନ ପ୍ରତିଷ୍ଠା କରିବା, ସରକାରୀ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିବର୍ତନ କରାଇବା, ରାଉରକେଲା ଓ ବଣାଇ ସବଡିଭିଜନକୁ ମିଶାଇ ଏକ ନୂତନ ଜିଲ୍ଲା ପ୍ରତିଷ୍ଠା କରିବା, ହମିରପୁର, ଲୁଆକେରା ଓ ପାର୍ଶ୍ୱବର୍ତି ବସ୍ତି ଅଂଚଳକୁ ମହାନଗରରେ ସାମିଲ କରାଇ ସାମଗ୍ରିକ ଉନ୍ନତି କରିବା ପାଇଁ ଦାବି ମାନ ଉପସ୍ଥାପନ କରିଥିଲେ । ଏହି ସବୁ ଦାବି ବିଷୟରେ ସେ ଅବଗତ ଅଛନ୍ତି ଓ ଯଥାଶୀଘ୍ର ଏହାର ସମାଧାନ ହେବ ବୋଲି ଶ୍ରୀ ପାଣ୍ଡିଆନ ସୂଚାଇ ଥିଲେ କ୍ଷ ଏହି ଆଲୋଚନା ସମୟରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ଼କ୍ଟର ପରାଗ ହର୍ଷଦ ଗାଭାଲି, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଆଲୋଚନା ସମୟରେ ପୂର୍ବତନ ବିଧାୟକ ରବି ଦେହୁରୀ, ବିକାଶ ମଟଂର ଉପଦେଷ୍ଟା ଅଭୟ ଦାସ,ଅଶ୍ୱିନୀ ସ୍ୱାଇଁ,ଅମୂଲ୍ୟ ବରାଳ,ସୁପ୍ରତିକ ମିଶ୍ର, ନିରଞ୍ଜନ ଦାସ, କୁଞ୍ଜ ବିହାରୀ ରାଉତ, ରାଜୀବ ପାଣି, ଅଶୋକ ପଟ୍ଟନାୟକ, ଭଜହରି ରାଉତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଆରଏସପି ଦ୍ୱାରା ସ୍ୱେଚ୍ଛାକୃତ ରୂପେ ସଫେଇ କାର୍ଯ୍ୟଧାରାରେ ସାମିଲ ଦଳଙ୍କୁ 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ପ୍ରଦାନ

ରାଉରକେଲା , ୪/୧ (ନି/ପ୍ର):ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୨୦୨୩ -୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟୋମାସ ନିମନ୍ତେ ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ସମାରୋହ ଜାନୁୟାରୀ ୨ ତାରିଖ ଦିନ ସିଭିକ୍ ସେଂଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଏବଂ ସି ଏସ ଆର ବିଭାଗ ର ସିଜିଏମ୍ ଶ୍ରୀ ପି କେ ସ୍ୱାଇଁ, ଟାଉନ୍ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀ ବି କେ ଜୋଜୋ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ନିଜର ବକ୍ତବ୍ୟରେ ସ୍ୱଚ୍ଛତା ସ୍ୱାଭିମାନ ଯୋଜନାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସହରର ସ୍ୱଚ୍ଛତା ସହ ଜଡିତ ପ୍ରତ୍ୟେକ ଦଳର କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ମିଶନ ବିଷୟରେ ଉଲ୍ଲେଖ କରି ଶ୍ରୀ ମିଶ୍ର ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ରଖିବା ପାଇଁ ସମସ୍ତଙ୍କୁ ଏହି ମିଶନରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଲୋକସମ୍ପର୍କ ବିଭାଗର ସିନିୟର ଟେକ୍ନିସିଆନ କ୍ୟାପଟ୍ଟେନ ନିରଂଜନ ଧଳ ଙ୍କ ନେତୃତ୍ୱରେ ଗ୍ରୁପ ୧ ପ୍ରଥମ ପୁରସ୍କାର ବିଜେତା ହୋଇ ୩୦.୦୦୦ ଟଙ୍କାର ପୁରସ୍କାର ରାଶି ଓ ଟ୍ରଫି ହାସଲ କରିଥିଲା। ସେହିଭଳି ଇସ୍ପାତ ସେଟ୍ରାଲ ମାର୍କେଟର କ୍ୟାପଟେନ ଏସ ଏସ ସ୍ୱାଇଁଙ୍କ ନେତୃତ୍ୱରେ ଇସ୍ପାତ ସେଟ୍ରାଂଲ ୱେଲଫେୟାର ୱିଙ୍ଗକୁ ଦ୍ୱିତୀୟ ପୁରସ୍କାର ବିଜେତା ଭାବେ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା ଓ କ୍ୟାପଟେନ ସୁବୋଧ ଏକକା ଏବଂ ତାଙ୍କ ଦଳ ତୃତୀୟ ପୁରସ୍କାର ବିଜେତା ଭାବେ ୨୦, ୦୦୦ ଟଙ୍କାର ପୁରସ୍କାର ରାଶି ସହ ଏକ ଟ୍ରଫି ଅର୍ଜନ କରିଥିଲେ । ଅନ୍ୟ ସାତଟି ଦଳକୁ ସେମାନଙ୍କର ସଫେଇ ଅଭିଜ୍ଞତା ସହଭାଗିତା ନିମନ୍ତେ ମଧ୍ୟ ସୁଯୋଗ ଦିଆଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ ଶ୍ରୀ ନରେନ୍ଦ୍ର ନାଥ ଦାସଙ୍କ ନେତୃତ୍ୱରେ ଛାତ୍ରମାନଙ୍କ ଦ୍ୱାରା "ସେ ନୋ ଟୁ ପ୍ଲାଷ୍ଟିକ" ନାମକ ଏକ ପଥ ପ୍ରାନ୍ତ ନାଟକ ମଚଂସ୍ଥ ହୋଇଥିଲା ଏବଂ ପରେ ଶ୍ରୀ ବାପି ପଲାଇ ଏବଂ ତାଙ୍କ ଦଳଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ଏକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ସଭାକୁ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡକ୍ଟର ଦୀପା ଲାଭାଙ୍ଗରେ ସ୍ୱାଗତ କରିଥିବା ବେଳେ ସି ଆର ଏମ ବିଭାଗର ଶ୍ରୀ ଅନିଲ ମଲ୍ଲିକ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ , ରାଉରକେଲା ଇସ୍ପାତ ସହରାଂଚଳ ବାସିନ୍ଦାଙ୍କୁ ସେକ୍ଟର ଅଚଂଳ, ମାର୍କେଟ, ବସ୍ତି ଅଚଂଳ ଓ ଖୋଲା ଜାଗା ଗୁଡିକରେ କୌଣସି ଅଚଂଳକୁ ଆପଣାଇ ସଫେଇ ଅଭିଯାନରେ ଅଂଶଗ୍ରହଣ କରି ସ୍ୱଚ୍ଛତା ସ୍ଥାପନ ପାଇଁ ପ୍ରୋତ୍ସାହିତ କରିବା ଆରଏସପିର ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର ଯୋଜନାର ଲକ୍ଷ୍ୟ ରହିଛି। ଏହି ଯୋଜନା ଅନ୍ତର୍ଗତ ସମ୍ପ୍ରତି ୧୦ ଟି ଦଳର ସମୁଦାୟ ୧୨୦ ଜଣ ସଦସ୍ୟ ଏହି ଅଭିଯାନରେ ସାମିଲ ଅଛନ୍ତି।


O-2086

Executive Engineer
Rural Works Division, Sundargarh

OIPR- 25046/11/0033/2324